ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 42 | 15 - 21 October 2023 | Sambalpur | Page- 8 | Invitation Price Rs.10

# ବାୟୁ ପ୍ରଦୂଷଣ ମୁକାବିଲାକୁ ନେଇ ଟାସ୍କ ଫୋର୍ସ ବୈଠକ

ନୂଆଦିଲ୍ଲୀ: ଶୀତ ଋତୁ ପାଖେଇ ଆସୁଥିବାରୁ ଦିଲ୍ଲୀ- ଏନସିଆରରେ ପ୍ରତିକୂଳ ବାୟୁ ଗୁଣବତ୍ତା ସମସ୍ୟାର ମୁକାବିଲା ପାଇଁ ବିଭିନ୍ନ ଅଂଶୀଦାରଙ୍କୁ ନେଇ ପ୍ରସ୍ତୁତିର ସମୀକ୍ଷା କରିବା ଲାଗି ଉଚ୍ଚସ୍ତରୀୟ ଟାସ୍କଫୋର୍ସର ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଏହି ବୈଠକର ଅଧକ୍ଷତା କରିଥିଲେ ।

ଶିଳ୍ପ ପ୍ରଦୂଷଣ, ଯାନବାହନ ପ୍ରଦୂଷଣ ନିର୍ମାଣ ଓ ଉଚ୍ଛେଦ (ସିଆଣ୍ଡଡି), ରାସ୍ତା ଓ ଆରଓଡବ୍ଲ୍ୟୁରୁ ଧୂଳି ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ (ଏମଏସଡବ୍ଲ୍ୟୁ) ପୋଡ଼ିବା, ବାୟୋମାସ୍ ଏବଂ ମିଶ୍ରିତ ବର୍ଜ୍ୟବସ୍ତୁ ପୋଡ଼ିବା, ଚାଷ ଜମିରେ ନଡ଼ା ଜାଳିବା ଏବଂ ଅନ୍ୟ ଉତ୍ସ ସମେତ ସମେତ ବାୟୁ ପ୍ରଦୂଷଣର ବିଭିନ୍ନ ଉତ୍ସର ପ୍ରଭାବ ହ୍ରାସ ପାଇଁ ନିଆଯାଉଥିବା ଏକାଧିକ ପଦକ୍ଷେପ ସମ୍ପର୍କରେ ବୈଠକରେ ପ୍ରମୁଖ ଶାସନ ସଚିବ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ବାୟୁ ପ୍ରଦୂଷଣ ରୋକିବା ପାଇଁ ସବୁଜିମା ଓ ବୃକ୍ଷରୋପଣ ଭଳି ପଦକ୍ଷେପ ଉପରେ ମଧ ଆଲୋଚନା ହୋଇଥିଲା ।

ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଜିଆରଏପି)ର କାର୍ଯ୍ୟକାରିତା, ଏହାର ତଦାରଖ ଓ କ୍ଷେତ୍ରସ୍ତରରେ ଏହାର କାର୍ଯ୍ୟକାରିତାରେ ଉନ୍ନତି ଆଣିବା ଦିଗରେ ପ୍ରମୁଖ ଶାସନ ସଚିବ ଆଲୋଚନା କରିଥିଲେ । ସେ କହିଥିଲେ, ବାୟୁର ଗୁଣବତ୍ତା ଖରାପ ହେବାରୁ ରୋକିବା ପାଇଁ ସମସ୍ତ ଅଂଶୀଦାରଙ୍କ ଦ୍ୱାରା ଜିଆରଏପିରେ ତାଲିକାଭୁକ୍ତ କାର୍ଯ୍ୟକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଗୁରୁତ୍ୱପୂର୍ଣ୍ଣ ।

ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଧାନ ଫସଲ ଅବଶେଷ ବା ନଡ଼ା ପୋଡ଼ିବା ମାତ୍ରାରେ ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ତିନି ରାଜ୍ୟର ମୁଖ୍ୟ ଶାସନ ସଚିବଏହି ପ୍ରସଙ୍ଗ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଫସଲ ଅବଶେଷ ପରିଚାଳନା (ସିଆରଏମ) ମେସିନ୍ ମାଧମରେ ଧାନ ଫସଲର ଆଭ୍ୟନ୍ତରୀଣ ପରିଚାଳନା ଏବଂ ଜୈବ ବିଶୋଧକ ଭାବେ ଏହାର ବ୍ୟବହାର ଲାଗି ସେ ପରାମର୍ଶ ଦେଇଥିଲେ । ଏହି ଜ୍ଞାନକୌଶଳର ଉନ୍ନତି ପାଇଁ ସେ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର)କୁ ପରାମର୍ଶ ଦେଇଥିଲେ । ଧାନ ନଡ଼ାର ଅତ୍ୟାଧୁନିକ ପରିଚାଳନା ସମ୍ପର୍କରେ ବିସ୍ତୃତ



ବିବରଣୀ ପ୍ରଦାନ କରି ସେ ଏହାର ଉପଯୋଗ ଉପରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଧାନ ନଡ଼ାର ପ୍ରଭାବଶାଳୀ ଉପଯୋଗ ନିମନ୍ତେ ପର୍ଯ୍ୟାପ୍ତ ସଂରକ୍ଷଣ ସୁବିଧା ସହିତ ବେଲିଂ, ବ୍ରିକେଟିଂ ଓ ପେଲେଟିଂ ଇତ୍ୟାଦିର ଭିତ୍ତିଭୂମି ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ ତାପଜ ବିଦ୍ୟୁତ ପ୍ଲାଣ୍ଟରେ ଧାନ ନଡ଼ାର ଉପଯୋଗ ଉପରେ ଗୁରୁତ୍ୱ ଦେବା ସହ ବାୟୋମାସ୍ ର କୋ-ଫାୟାରିଂ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟକୁ କଡ଼ାକଡ଼ି ଭାବେ ପାଳନ କରିବା ଉପରେ ମଧ ଆଲୋଚନା ହୋଇଥିଲା । ପ୍ରମୁଖ ଶାସନ ସଚିବ ଡକ୍ଟର ମିଶ୍ର ଆଲୋଚନା ସମୟରେ ବାୟୋମାସ୍ ପେଲେଟ୍ କ୍ରୟ, ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଜାରି ବେଞ୍ଚମାର୍କ ମୂଲ୍ୟ ଗ୍ରହଣ, ମାର୍ଚ୍ଚ ୨୦୨୪ ସୁଦ୍ଧା ସମଗ୍ର ଏନସିଆର ଅଞ୍ଚଳରେ ଗ୍ୟାସ ଭିତ୍ତିଭୂମି ଏବଂ ଯୋଗାଣର ସମ୍ପ୍ରସାରଣ ଏବଂ ଚାହିଦା ଅନୁଯାୟୀ ବାୟୋମାସର ଦ୍ରୁତ ଯୋଗାଣ ସୁନିଶ୍ଚିତ କରିବା ଭଳି ଅନେକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହାବ୍ୟତୀତ, ଅତ୍ୟଧିକ ପୁରୁଣା ଗାଡିଗୁଡିକୁ ବଦଳାଇବା ପାଇଁ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଓଭରଲୋଡିଂ ଏବଂ ଅନ୍ୟାନ୍ୟ କାରଣରୁ ଦୃଶ୍ୟମାନ ଭାବେ ପ୍ରଦୂଷିତ ହେଉଥିବା ଯାନଗୁଡିକ ଏବଂ ସମ୍ପୃକ୍ତ ସମସ୍ତଙ୍କ ଦ୍ୱାରା ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଜିଆରଏପି)ରେ ପରିକଳ୍ପିତ କାର୍ଯ୍ୟକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଉପରେ ଡକ୍ଟର ମିଶ୍ର ଜୋର ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ସମସ୍ତ ପ୍ରମୁଖ ଅଂଶୀଦାର ଯଥା ପରିବେଶ, କୃଷି, ଶକ୍ତି, ପେଟ୍ରୋଲିୟମ, ସଡ଼କ ପରିବହନ ଓ ରାଜପଥ, ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ସମେତ ଏନସିଆର ଏବଂ ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗର ପ୍ରତିନିଧି, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ଦିଲ୍ଲୀର ମୁଖ୍ୟ ଶାସନ ସଚିବ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ସମ୍ପୃକ୍ତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ/ଡିପିସିସିଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଆଇଆଇଏମ୍ ସମ୍ବଲପୁରରେ ବାର୍ଷିକ ବିଜନେସ କନ୍‌କ୍ଲେଭ୍ 'ମର୍ମଜ୍ଞ ୮.୦'

ବୁର୍ଲା: ଆଇଆଇଏମ୍ ସମ୍ବଲପୁରରେ ଦୁଇଦିନିଆ ଫ୍ଲାଗସିପ୍ କାର୍ଯ୍ୟକ୍ରମ 'ମାର୍ମଜ୍ଞ ୮.୦' ଅନୁଷ୍ଠିତ ହୋଇଯାଇଛି । କନଭର୍ଜେନ୍ସ ଦ୍ କ୍ୟାଟାଲିଙ୍ଗି ବିଜନେସ୍ ରେଜିଲିଏନ୍ସ' ନାମକ ଶୀର୍ଷକ ନେଇ ଏହି ସର୍ବୋତ୍ତମ ଅଭ୍ୟାସ ବିଷୟରେ ଅନୁସନ୍ଧାନ କରିଥିଲେ । ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ତଥା କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ଏହି କନକ୍ଲେଭକୁ ଉଦ୍‌ଘାଟନ କରି ଡିଜିଟାଲାଇଜେସନ୍, ସ୍ଥାୟୀତା



ବିଜନେସ କନକ୍ଲେଭର ଆୟୋଜନ ହୋଇଥିଲା । ବ୍ୟବସାୟ ପାଇଁ ଏକ ସମନ୍ୱୟର ଉପଯୋଗ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରି ଏହି ସମ୍ମିଳନୀରେ ବିଭିନ୍ନ ସମ୍ବଳ, ପ୍ରଯୁକ୍ତି ବିଦ୍ୟା ଏବଂ ରଣନୀତିର ଏକୀକରଣକୁ ଏକ ଦୃଢ଼ ଏବଂ ଅନୁକୂଳ ଢାଞ୍ଚା ସୃଷ୍ଟି କରିବା ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ପାଖାପାଖି ୩୦ ଜଣ ସର୍ବଭାରତୀୟ ବ୍ୟବସାୟୀ, ବ୍ୟବସାୟିକ ଚିନ୍ତାଧାରା ବିଶିଷ୍ଟ ବ୍ୟକ୍ତି ବିଶେଷ, ଶିଳ୍ପ ବିଶେଷଜ୍ଞ ଉପସ୍ଥିତ ଥିଲେ, ଯେଉଁମାନେ ବିଭିନ୍ନ ପ୍ୟାନେଲ ଆଲୋଚନା ସମୟରେ ସମନ୍ୱୟ ଶକ୍ତି ମାଧମରେ ବ୍ୟବସାୟିକ ସ୍ଥିରତା ବୃଦ୍ଧି ପାଇଁ ରଣନୀତି ଏବଂ



ଏବଂ କର୍ମକ୍ଷେତ୍ର ସଂସ୍କୃତି ସମ୍ବନ୍ଧୀୟ ଆହ୍ୱାନ ଓ ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଭାଷଣରେ ଜେନ୍ ୩.୦ ନାମରେ ପରିଚିତ ସେମାନଙ୍କ ସଂଗଠନର ବିକାଶ ସମ୍ପର୍କରେ ଆଲୋଚନା କରିବା ସହ ବିଗତ ଆଠ ବର୍ଷ ମଧରେ ନିଆଯାଇଥିବା ଅନେକ ପ୍ରମୁଖ ଉପଲବ୍ଧି ଓ ପଦକ୍ଷେପ ଯଥା ଅନ୍ତର୍ଭୁକ୍ତୀକରଣ, କ୍ଷୁଦ୍ର ବ୍ୟବସାୟ ପାଇଁ ସହାୟତା, ଡିଜିଟାଲାଇଜେସନ୍ ଏବଂ ଇନୋଭେସନ୍ ଉପରେ ଆଲୋକପାତ କରିଥିଲେ । ନୋବେଲ ପୁରସ୍କାର ବିଜେତା ପ୍ରଫେସର କ୍ଲୋରା ଗୋଲ୍ଡମ୍ୟାନଙ୍କ କାର୍ଯ୍ୟକୁ ଉଦାହରଣ ଦେଇ ପ୍ରଫେସର ଜୟସ୍ୱାଲ ସାମଗ୍ରିକତାକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ପ୍ରୟାସ ବିଷୟରେ ସୂଚନା ଦେଇଥିଲେ । ଯିଏ ଲିଙ୍ଗଗତ ଅର୍ଥନୀତି ଉପରେ ଧ୍ୟାନ ଦେଇଥିଲେ । ବିଶେଷ କରି ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କ ପ୍ରୟାସ ବିଷୟରେ ନିର୍ଦ୍ଦେଶକ ଉଲ୍ଲେଖ କରିଥିଲେ । ବାର୍କେ ଇଲେକ୍ଟ୍ରୋନିକ୍ସ ସିଷ୍ଟମର ପୂର୍ବତନ ଏମ୍. ଡି ରାଜୀବ ଭଲ୍ଲା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସମନ୍ୱୟ ମାଧମରେ ବ୍ୟବସାୟର ସ୍ଥିରତାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଜି-୫ର ବିଜନେସ୍ ଆଣ୍ଡ ମାର୍କେଟିଂ ଆନାଲିଟିକ୍ସ ନିର୍ଦ୍ଦେଶକ ରଚିତ ପ୍ରଧାନ ଅନ୍ୟତମ ବକ୍ତାଭାବେ ଯୋଗ ଦେଇ ଏକ ଗତିଶୀଳ ପରିବେଶରେ ସ୍ଥିର ରହିବା ପାଇଁ ବଜାର ପରିବର୍ତ୍ତନ ପ୍ରାସଙ୍ଗିକ ରହିବା ଏବଂ ପ୍ରତିଯୋଗିତାମୂଳକ ଫାଇଦା ପାଇଁ ସମନ୍ୱୟର ଲାଭ ଉଠାଇବା ପାଇଁ ବ୍ୟବସାୟୀମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଫେସର ସୁଧେନ୍ଦ୍ର ହନୁମନ୍ତ ରାଓ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଦିବସରେ ବିଭିନ୍ନ ବିଷୟରେ ଦଳଗତ ଆଲୋଚନା ହୋଇଥିଲା ।

# ଧବଳମୁଖୀ ବେଶରେ ଦର୍ଶନ ଦେଲେ ମାଁ ସମଲେଶ୍ୱରୀ

ସମ୍ବଲପୁର : ପବିତ୍ର ମହାଳୟା ଅବସରରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଧବଳମୁଖୀ



ଭୋରରୁ ଭକ୍ତମାନଙ୍କର ମନ୍ଦିରରେ ଧାଡ଼ି ଲାଗିଥିଲା । ମହାଳୟାରେ ପିତୃପୁରୁଷଙ୍କୁ ତିଳତର୍ପଣ କରିବା ପରେ ମାଁଙ୍କୁ ଏହି ବେଶରେ ଦର୍ଶନ କଲେ ଗଙ୍ଗା ଦର୍ଶନର ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଥିବାରୁ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଟି ପ୍ରାନ୍ତର ଭକ୍ତଙ୍କ ଭିଡ ଲାଗି ରହିଥିଲା । ଭକ୍ତମାନେ ଯେପରି ଶାନ୍ତି ଶୃଙ୍ଖଳାର ସହିତ ମାଁଙ୍କ ଦର୍ଶନ କରି ପାରିବେ ସେଥିପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ପ୍ରକାର ସୁବିଧା କରାଯାଇଥିଲା ।

ଇତି ମଧରେ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ନବରାତ୍ର ଦର୍ଶନ ପାଇଁ ସମୟ ନିର୍ଘଣ୍ଟ ଜାରି କରାଯାଇଛି । ନବରାତ୍ର ବେଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ମଙ୍ଗଳ ଆଳତୀ କରାଯାଇ ସକାଳ ୬ଟା ବେଳକୁ ଭକ୍ତଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲାଯିବ । ପୂର୍ବାହ୍ନ ୧୧ଟା ୪୫ରୁ ୧୨ଟା ୪୫ ମିନିଟ ପର୍ଯ୍ୟନ୍ତ ଅନ୍ନଭୋଗ ଲାଗି ପାଇଁ



ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । ଏ ଅବସରରେ ମାଁ ସମଲେଶ୍ୱରୀ ଓ ପାର୍ଶ୍ୱ ଦେବାଦେବୀ ଧବଳ ବସ୍ତ୍ର ପରିଧାନ କରିଥିଲେ । ସେହିପରି ସମସ୍ତ ପୂଜକମାନେ ମଧ ଧଳାବସ୍ତ୍ର ପରିଧାନ କରିଥିଲେ । ମାଁ ସମଲେଶ୍ୱରୀ ମହିମା ପ୍ରଚାର ସମିତି ପକ୍ଷରୁ ଏହି ଧବଳ ବସ୍ତ୍ର ଦିଆଯାଇଥିଲା । ଏହି ଦୁର୍ଲଭ ବେଶ ଦର୍ଶନ କରିବାକୁ ବଡ଼ି ଦର୍ଶନ ବନ୍ଦ ରହିବ । ସେହିପରି ଅପରାହ୍ନ ୩ଟାରୁ ୪ଟା ଶୃଙ୍ଗାର ବେଶ ପାଇଁ, ସନ୍ଧ୍ୟା ୭ଟା ୪୫ ମିନିଟରୁ ୮ଟା ୧୫ ମିନିଟ୍ ସନ୍ଧ୍ୟା ଆଳତୀ ପାଇଁ ଏବଂ ରାତି ୮ଟା ୫୦ ମିନିଟରୁ ସାଢେ ୯ଟା ପର୍ଯ୍ୟନ୍ତ ଅନ୍ନଭୋଗ ପାଇଁ ଦର୍ଶନ ବନ୍ଦ ରହିବ । ଆଉ ରାତି ୧୦ଟା ଯାଏ ଦର୍ଶନ ଜାରି ରହି ପହଡ ପଡିବ ବୋଲି ଧାର୍ଯ୍ୟ କରାଯାଇଛି ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଇଲା ନାକ୍‌ର 'ଏ ଗ୍ରେଡ୍'

ବୁର୍ଲା: ନାକ୍ ଟିମ୍ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଏ' ଗ୍ରେଡ ମାନ୍ୟତା ଦେଇଛି । ଏ ସମ୍ପର୍କରେ ନାକ୍ କମିଟିର ନିର୍ଦ୍ଦେଶକ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପ୍ରଫେସର ରଞ୍ଜିତ କେ.ବର୍ମା, ପ୍ରଫେସର ହୀରାମଣି ନାଏକ, ପ୍ରଫେସର ରାଘବ ନାଲ୍ଲାନ୍ଥିଘାଳ, ପ୍ରଫେସର ବି.ଆ.ର କୁକରେଟି, ପ୍ରଫେସର ମହୁଆ ମୁଖାର୍ଜୀ ଓ ପ୍ରଫେସର ଅର୍ଚ୍ଚନା ଭଟ୍ଟନାଗରଙ୍କୁ ନେଇ ଗଠିତ ୬ ଜଣିଆ ନାକ୍ ପ୍ରତିନିଧି ଦଳ ଗତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷା, ଶିକ୍ଷଣ ଓ ମୂଲ୍ୟାୟନ, ଗବେଷଣା, ବିସ୍ତାରଣ, ଭିତ୍ତିଭୂମି ଓ ଶିକ୍ଷା ସମ୍ବଳ, ଶିକ୍ଷାର୍ଥୀ ସହାୟତା ଓ ଅଗ୍ରଗାମିତ୍ୱ, ନେତୃତ୍ୱ ଓ ପରିଚାଳନା ଏବଂ ଆନୁଷ୍ଠାନିକ ମୂଲ୍ୟ ତଥା ତାର ସର୍ବୋତ୍ତମ ପ୍ରୟୋଗ ପରି ୭ଟି ଦିଗ ଉପରେ ପ୍ରସ୍ତୁତ ରିପୋର୍ଟ ୟୁଜିସିକୁ ପ୍ରଦାନ କରିଥିଲେ । ଅନୁଷ୍ଠାନର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ଫଳାଫଳ ପ୍ରକ୍ରିୟାକରଣ ଏବଂ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଗଠିତ ଷ୍ଟାଣ୍ଡିଂ କମିଟି ପକ୍ଷରୁ ବିଭିନ୍ନ ରିପୋର୍ଟ ଯାଞ୍ଚ ପରେ ଆଗାମୀ ୫ ବର୍ଷ ପାଇଁ 'ଏ' ଗ୍ରେଡ ପ୍ରଦାନ କରିଛନ୍ତି । ନାକ୍ କମିଟିର ନିର୍ଦ୍ଦେଶାବଳୀ ଅନୁଯାୟୀ ଅବଧି ଶେଷ ହେବା ପର୍ଯ୍ୟନ୍ତ ନାକ୍ ଦ୍ୱାରା ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପାଇଁ ଅନୁଷ୍ଠାନ ୱେବସାଇଟରେ ଏସଏସଆର (ସେଲ୍ଫଷ୍ଟଡି ରିପୋର୍ଟ)କୁ ବଜାୟ ରଖିବା ବାଧ୍ୟତାମୂଳକ । ଏହା ସହିତ ଅନୁଷ୍ଠାନର ବାର୍ଷିକ ରିପୋର୍ଟ ଦାଖଲ କରିବା ସହିତ ନିୟମିତ ବ୍ୟବଧାନରେ ସଂସ୍ଥାପିତ ୱେବସାଇଟରେ ଅପଲୋଡ଼ କରିବା ପାଇଁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି । ଉଲ୍ଲେଖ ଯୋଗ୍ୟ ଯେ, ନାକ୍ ଟିମ୍ ପୂର୍ବ ଥର ଉତ୍କଳ ବିଶ୍ୱବିଦ୍ୟାଳୟକୁ ଗ୍ରେଡ ଏ +' ଦେଇଥିଲା । ଏଥର କିନ୍ତୁ ଏହି ଗ୍ରେଡ୍ ଏ'କୁ ଖସି ଆସିଛି । ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏ'ଗ୍ରେଡ ରୁ ବି 'କୁ ଖସିଛି । ମାତ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ନିଜ ପୂର୍ବ ଗ୍ରେଡକୁ ବଜାୟ ରଖିବାରେ ସକ୍ଷମ ହୋଇପାରିଛି ।

## ଏ ସଂଖ୍ୟାରେ..




ହାର୍ଟ ପାଇଁ ଭଲ ସୋରିଷ ତେଲ



ଡାଇବେଟିସ୍ ଲାଗି ରାମବାଣ ଡାଲଚିନି



ବହୁ ଉପକାରୀ ଅଁଳା



ଲିଭରକୁ ସୁସ୍ଥ ରଖିବା ଲାଗି କ'ଣ ଖାଇବେ ?



ଅନିଦ୍ରା ସମସ୍ୟା ବଢ଼ାଏ ଚା'



ଟମାଟୋର ଉପକାରିତା

## ବେଙ୍ଗାଲୁରୁ ଓ କୋଲକାତାକୁ ବିମାନ ଉଡିବ

ଝାରସୁଗୁଡ଼ା: ଆସନ୍ତା ନଭେମ୍ବର ମାସ ୫ ତାରିଖରୁ ଝାରସୁଗୁଡ଼ାରୁ ଇଣ୍ଡିଗୋ ବିମାନ ସେବା ଆରମ୍ଭ କରିବ । ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ବେଙ୍ଗାଲୁରୁ ଓ କୋଲକାତା ଭଳି ଦେଶର ପ୍ରମୁଖ ସହରକୁ ସିଧାସଳଖ ବିମାନ ଯାତ୍ରା ଆରମ୍ଭ ହେବ । ଏ ନେଇ ଇଣ୍ଡିଗୋ ଏୟାରଲାଇନ୍ସର ବିନୟ ମଲହୋତ୍ରା ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ନଭେମ୍ବର ୫ ତାରିଖରେ ସନ୍ଧ୍ୟା ୫ଟା ୫୦ରେ କୋଲକାତାରୁ ପ୍ରଥମ ବିମାନ ବାହାରି ସନ୍ଧ୍ୟା ୭ଟା ୨୫ ମିନିଟ୍‌ରେ ଝାରସୁଗୁଡ଼ାରେ ପହଞ୍ଚିବ । ଏହାପରେ ୭ଟା ୫୫ ମିନିଟରେ ଝାରସୁଗୁଡ଼ାରୁ ବାହାରି ରାତି ୯ଟା ୨୦ ମିନିଟ୍‌ରେ କୋଲକାତାରେ ପହଞ୍ଚିବ । ସେହିପରି ନଭେମ୍ବର ୧୫ ତାରିଖରେ ବେଙ୍ଗାଲୁରୁକୁ ବିମାନ ଯାତ୍ରା ଆରମ୍ଭ ହେବ । ସକାଳ ୧୦ଟା୧୫ ମିନିଟରେ ବେଙ୍ଗାଲୁରୁରୁ ବିମାନ ବାହାରି ଦିନ ୧୨ଟା ୨୦ରେ ଝାରସୁଗୁଡ଼ାରେ ପହଞ୍ଚିବ । ଉକ୍ତ ବିମାନଟି ଅପରାହ୍ନ ୧୨ଟା ୫୦ରେ ଝାରସୁଗୁଡ଼ାରୁ ବାହାରି ଅପରାହ୍ନ ୨ଟା ୫୫ରେ ବେଙ୍ଗାଲୁରୁରେ ପହଞ୍ଚିବ । ଏହି ବିମାନ ସେବା ଆରମ୍ଭ ହେବା ଫଳରେ ଝାରସୁଗୁଡ଼ାରୁ ବେଙ୍ଗାଲୁରୁ ଓ କୋଲକାତା ଯାତ୍ରା ହେବ ସହଜ ହେବ । ପଶ୍ଚିମ ଓଡ଼ିଶାର ଲୋକମାନେ ବିମାନ ଧରିବା ଲାଗି ଆଉ ଭୁବନେଶ୍ୱର ଉପରେ ନିର୍ଭରଶୀଳ ହେବେ ନାହିଁ । ବିଶେଷକରି ଝାରସୁଗୁଡ଼ା ସମେତ ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଭଳି ଜିଲ୍ଲାର ଲୋକମାନେ ଏଠାରୁ ବିମାନ ସେବା ଗ୍ରହଣ କରିପାରିବେ ।

## ସୋନପୁରରେ ମିଶନଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ

ସୋନପୁର : ଜିଲ୍ଲା ପ୍ରଶାସନ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ 'ମିଶନ ଶକ୍ତି ସ୍କୁଟର ଯୋଜନା'ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ୧୬୨ ଗୋଟି ସ୍କୁଟର ଜିଲ୍ଲାର ମିଶନ ଶକ୍ତି ଫେଡେରେସନ ଲିଡର ଓ ମିଶନ ଶକ୍ତି ସହାୟକ କର୍ମଚାରୀଙ୍କୁ ବିତରଣ କରିଛନ୍ତି । ପରେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ଓ ଇଲେକ୍ଟ୍ରିକ୍ ସ୍କୁଟରର ପ୍ରୋତ୍ସାହନ ନିମନ୍ତେ ସୋନପୁର ବ୍ଲକ ଛକ ଠାରେ ମିଶନ ଶକ୍ତି କଫେ ପରିସରରେ ଉଦଘାଟନ କରିଥିଲେ । ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ, ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା, ଏଲ.ଡି.ଏମ, ଡି.ପି.ଏମ, ଡି.ପି.ସି ମିଶନ ଶକ୍ତି, ବ୍ୟାଙ୍କ ଅଧିକାରୀ, ମିଶନ ଶକ୍ତିର ମାଁମାନେ, ବି ଏଲ ଏଫ ସଦସ୍ୟା ତଥା ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାୟପୁର ଉତ୍ତରରୁ ପୁରନ୍ଦର ମିଶ୍ର ବିଜେପି ପ୍ରାର୍ଥୀ

ରାୟପୁର : ବିଶିଷ୍ଟ ସମାଜସେବୀ ଏବଂ ରାୟପୁର ସ୍ଥିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଅଧକ୍ଷ ପୁରନ୍ଦର ମିଶ୍ର ଆଗାମୀ ଛତିଶଗଡ଼ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ମନୋନୀତ ହୋଇଛନ୍ତି । ଶ୍ରୀ ମିଶ୍ରଙ୍କୁ ରାୟପୁର ନଗର ଉତ୍ତର ଆସନରୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ଦଳୀୟ ଟିକେଟ ମିଳିଛି । ଛତିଶଗଡ଼ ବିଧାନସଭା ନିର୍ବାଚନରେ କୌଣସି ଜାତୀୟ ଦଳ ତରଫରୁ ଶ୍ରୀ ମିଶ୍ର ଏକମାତ୍ର ଓଡ଼ିଆ ପାର୍ଥୀ ଭାବରେ ନିର୍ବାଚନ ଲଢ଼ିବେ । ଗାୟତ୍ରୀ ନଗରଠାରେ ଶ୍ରୀ ମିଶ୍ର ଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶଗଡ଼ର ସବୁଠୁ ବଡ଼ ଜଗନ୍ନାଥ ମନ୍ଦିର ତାଙ୍କର ନିର୍ବାଚନ ମଣ୍ଡଳୀ ଅଧୀନରେ ଆସୁଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିକଟରେ ପୁରନ୍ଦର ମିଶ୍ର ଛତିଶଗଡ଼ ସ୍ଥିତ ବୃହତ ଓଡ଼ିଆ ସମାଜର ସଭାପତି ରୂପେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ଏହି ବୃହତ ସମାଜ ଅଧୀନରେ ପ୍ରଦେଶରେ ବସବାସ କରୁଥିବା ୩୫ଲକ୍ଷ ଓଡ଼ିଆ ଅଧିବାସୀ ଙ୍କୁ ପ୍ରତିନିଧି କରୁଥିବା ୨୪ ଟି ସମାଜ ଅନ୍ତର୍ଭୁକ୍ତ ହୋଇଛନ୍ତି । ଶ୍ରୀ ମିଶ୍ର ୱାର୍ଲ୍ଡ ଓଡ଼ିଶା ସୋସାଇଟିର ଛତିଶଗଡ଼ ଶାଖାର ମୁଖ୍ୟ ପୃଷ୍ଠପୋଷକ ମଧ ଅଛନ୍ତି ।

## ବିନିକା ମହାନଦୀ ସେତୁ ଟୁ ରିଂ ରୋଡ଼ର ଶିଳାନ୍ୟାସ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ବିନିକାର ମହାନଦୀ କୂଳରେ(ଆଡି ବନ୍ଧ) ରିଙ୍ଗ ରୋଡ଼ ନିର୍ମାଣ ପାଇଁ ବିଧାୟକ ପଦ୍ମନାଭ ବେହେରାଙ୍କ ଶିଳାନ୍ୟାସ କରିଛନ୍ତି । ମହାନଦୀ ବ୍ରିଜ ଠାରୁ ଝରାପଡ଼ା ପର୍ଯ୍ୟନ୍ତ ମହାନଦୀ କୂଳରେ ରିଙ୍ଗ ରୋଡ ନିର୍ମାଣ ସକାଶେ ୧୩ କୋଟି ୮୫ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦ୍ର ରାୟ, ଇରିଗେସନ ବିଭାଗ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ପାଢ଼ୀ, ବିନିକା ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧରେ ତହସିଲଦାର ସୀତାରାମ ଭୁଏ, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଉପାଧକ୍ଷ ତପସ୍ୱିନୀ ମେହେର, ନଗର ବିଜେଡି ସଭାପତି ସୋମନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋପାଇପାଲିରେ ନୂଆଁଖାଇ ଭେଟ୍‌ଘାଟ୍

ବରଗଡ : ବିଜେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବରପାଲି ବ୍ଲକ ଗୋପାଇପାଲି ଗ୍ରାମରେ ବ୍ଲକସ୍ତରୀୟ ନୂଆଁଖାଇ ଭେଟଘାଟ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଦଳୀପାଲି ଶିବ ମନ୍ଦିରରୁ ଏକ ବିଶାଳ ବାଇକ ର୍‌ୟାଲି ବାହାରି ନିକଟସ୍ଥ ଗୋପାଇପାଲି ଖେଳ ପଡିଆ ପର୍ଯ୍ୟନ୍ତ ପହଞ୍ଚିଥିଲା । ଉତ୍ସବରେ ବିଜୁ ଜନତା ଦଳ ବରଗଡ଼ ଜିଲ୍ଲା ସଭାପତି ପ୍ରଭାସ ସିଂହ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଯୁବନେତା ସୁବ୍ରତ ସିଂ, ବରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଏପିକଲ ଚେୟାରମ୍ୟାନ ପ୍ରଭାତ ଆଦିତ୍ୟ ମିଶ୍ର, ବିଜେପୁର ଏନଏସି ଅଧକ୍ଷା ସୀତା ବାରିକ, ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଗୌରହରି ମିଶ୍ର, ବିଜୁ ଯୁବ ଜନତାଦଳ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟ ଗତିକୃଷ୍ଣ ମିଶ୍ର, ବିଜେଡ଼ି ନେତା ଲାଲବିକ୍ରମ ସିଂ ପ୍ରମୁଖ ଯୋଗ ଦେଇଥିଲେ ।

## ଜିଏମ୍‌ୟୁରେ ଭୀମ ଭୋଇ ସ୍ମାରକୀ ବକ୍ତୃତା

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମ ଭୋଇ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ବକ୍ତୃତାମାଳାରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଗିରିବାଳା ମହାନ୍ତି ଓ ପ୍ରଫେସର କୈଳାଶ ପଟ୍ଟନାୟକ ଯୋଗଦେଇ ଥିଲେ । କୁଳପତି ପ୍ରଫେସର ଏନ୍. ନାଗରାଜୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବକ୍ତୃତାମାଳାରେ ଗବେଷଣା କେନ୍ଦ୍ର ଦ୍ୱାରା ପ୍ରକାଶିତ ନିବନ୍ଧ ସଂକଳନ 'ଲେଖି ଅଲେଖ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପ୍ରଫେସର ପ୍ରଦୀପ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଆ ବିଭାଗର ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ଅତିଥି ପରିଚୟ ଓ କୁଳସଚିବ ଯୁଗଳେଶ୍ୱରୀ ଦାଶ ଗବେଷଣା କେନ୍ଦ୍ରର ଲକ୍ଷ୍ୟ ଓ ସଫଳତାର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ । ଶେଷରେ ଅଧାପକ ଡକ୍ଟର ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଗା ଉପାସନା ଓ ଶକ୍ତିତତ୍ତ୍ୱ

ଶକ୍ତି ପୂଜାର ଆଦିପୀଠ ଭାରତବର୍ଷ । ବୈଦିକ ଯୁଗରୁ ଆରମ୍ଭ କରି ଅଦ୍ୟାବଧି ସମୟର ବିବର୍ତ୍ତିତ ଧାରାରେ କ୍ରମ ବିକଶିତ ହେବାରେ ଲାଗିଛି ଶାକ୍ତ ସଂସ୍କୃତି । ସୃଷ୍ଟି, ସ୍ଥିତି ଓ ବିଲୟର ମୂଳ ମାତୃରୂପା ଶକ୍ତିଙ୍କୁ ଆରାଧନା ମାଧମରେ ଶକ୍ତି, ଜ୍ଞାନ, ଧନ, ପ୍ରତିଷ୍ଠା, ପ୍ରାର୍ଚ୍ଚୁର୍ଯ୍ୟ ଲାଭ ଆଦିର କାମନା ହିଁ ଯୁଗ ଯୁଗ ଧରି ମାନବ ସମାଜକୁ ଅନୁପ୍ରେରିତ କରିଆସିଛି । ବେଦୋତ୍ତର ସାହିତ୍ୟରେ ଶାକ୍ତ ସଂସ୍କୃତିର ଆରାଧ ଦେବୀ ବା ମାତୃପୂଜା ଏବଂ ଭିନ୍ନ ଭିନ୍ନ ରୂପ ଓ ନାମର ଉପାସନା ବର୍ଣ୍ଣିତ ହୋଇଛି ।

ଭାରତର ସାଂସ୍କୃତିକ, ଆଧାତ୍ମିକ ଓ ଐତିହାସିକ ବିବର୍ତ୍ତନର ମୂଳଧାରାରୁ ସ୍ପଷ୍ଟ ସୂଚନା ମିଳେ ଯେ ବୈଦିକ ଯୁଗର କ୍ରିୟାକାଣ୍ଡ ମଧରେ ଦେବତାମାନଙ୍କ ସହ ଦେବୀଙ୍କୁ ଆରାଧନା କରାଯାଉଥିଲା । ବୈଦିକ ଋଷିଗଣ ସମଗ୍ର ବିଶ୍ୱରେ ଦୈବୀଶକ୍ତିର ସତ୍ତା ବିଦ୍ୟମାନ ବୋଲି ଉପଲବ୍ଧି କରିଥିଲେ । ଶାକ୍ତଧର୍ମରେ ସେମାନଙ୍କ ରଚିତ ଦେବୀସୁକ୍ତ ଅଦ୍ୟାବଧି ମଧ ପ୍ରାଧାନ୍ୟ ଲାଭ କରିଛି । ରାମାୟଣ ଯୁଗରେ ଗିରିଜା, ରୁଦ୍ରାଣୀ, ପାର୍ବତୀ, ଉମା, ନାଗମାତା ଏବଂ ମହାଭାରତ ଯୁଗରେ ଯୁଧିଷ୍ଠିରଙ୍କ ଦୁର୍ଗାସ୍ତବ ଓ ଅର୍ଜୁନଙ୍କ ଦୁର୍ଗାସ୍ତୋତ୍ରରୁ ଶକ୍ତି ସାଧନାର ସ୍ପଷ୍ଟ ପ୍ରମାଣ ମିଳେ । ଶକ୍ତି ଉପାସକମାନେ ମାତୃପୂଜାର ଆରାଧ ଦେବୀଙ୍କୁ ଭିନ୍ନ ଭିନ୍ନ ରୂପେ କଳ୍ପନା କରୁଥିଲେ । ଏହି ଶକ୍ତିପୂଜା ଆମ ଦେଶ ବାହାରେ ପଶ୍ଚିମ ଏସିଆ, ଦକ୍ଷିଣପୂର୍ବ ୟୁରୋପରେ ମଧ ପ୍ରଚଳିତ ଥିଲା । ଇତିହାସ କହେ, ପଶ୍ଚିମ ଏସିଆର ସିରିଆରେ ପୂଜିତା ସିଂହବାହିନୀ ଦେବୀଙ୍କ ସହ ଆମ ଆରାଧ ସିଂହବାହିନୀ ଦୁର୍ଗାଦେବୀଙ୍କର ସାମଞ୍ଜସ୍ୟ ରହିଛି । ତେଣୁ ଶକ୍ତି ଉପାସନା ଏସିଆ ମହାଦେଶରେ ମଧ ରହି ଥିଲା । ବିଶେଷଭାବେ ଶକ୍ତିଦେବୀଙ୍କ ଆରାଧନା ଭାରତରେ ପ୍ରସାର ଲାଭ କରିଥିଲା ୫ମ ଓ ୬ଷ୍ଠ ଖ୍ରୀଷ୍ଟାବ୍ଦ ଶତାବ୍ଦୀରେ । ସେବେଠାରୁ ବିଭିନ୍ନ ରାଜବଂଶର ଆଧାତ୍ମିକ ଓ ଧାର୍ମିକ ଭାବଧାରା ତଥା ସେମାନଙ୍କର ପୃଷ୍ଠପୋଷକତା ଶକ୍ତି ଉପାସନାର ପ୍ରସାର ତଥା କ୍ରମ ବିକାଶରେ ସହାୟକ ହୋଇଥିଲା । କାଳକ୍ରମେ ଶାକ୍ତ ସଂସ୍କୃତିର ଉପାସନା ବିଧି, ଶକ୍ତିବିଗ୍ରହ ଓ ନୈବେଦ୍ୟ ପଦ୍ଧତିରେ ମଧ ପରିବର୍ତ୍ତନ ଆଣିଥିଲା ତନ୍ତ୍ରଯୁଗ ଓ ବୈଷ୍ଣବ ଧର୍ମର ମିଶ୍ର ପ୍ରଭାବ ।

'କାଳିକା ପୁରାଣ' ଅନୁସାରେ ଓଡ଼ିଶା ବା ଓଡ଼ପୀଠ ଭାରତର ତନ୍ତ୍ର ପୀଠଗୁଡ଼ିକ ମଧରେ ଏକ ପ୍ରମୁଖ ପୀଠ ରୂପେ ମାନ୍ୟତା ପାଇଥିଲା । 'ଜ୍ଞାନାର୍ଣ୍ଣବତନ୍ତ୍ର'ରେ ବର୍ଣ୍ଣିତ ପଚାଶ ଗୋଟି ପୀଠ ମଧରେ ଏକାମ୍ର ପୀଠ (ଭୁବନେଶ୍ୱର), ବିରଜାପୀଠ (ଯାଜପୁର), ଜଳେଶ୍ୱର ଓ ଉଡ୍ଡୀୟମାନ ପୀଠର ଉଲ୍ଲେଖ ରହିଛି । 'କୁବୁଜିକା ତନ୍ତ୍ର' ଅନୁସାରେ ୪୨ଗୋଟି ସିଦ୍ଧିପୀଠ ମଧରୁ ମା ବିରଜା ପୀଠ ଏକ ଅନନ୍ୟ ପୀଠ । ବିରଜାଦେବୀ ପ୍ରାଚୀନ ମାତୃକାଙ୍କ ରୂପ । କେବଳ ବିରଜା ଉପାସନା ନୁହେଁ, ଶକ୍ତିର ବିଭିନ୍ନ ଉତ୍ସରୂପେ ଭିନ୍ନ ଭିନ୍ନ ରୂପରେ ଓଡ଼ିଶାରେ ମାତୃ ଆରାଧନା ଚାଲି ଆସୁଛି ଏବଂ ଆର୍ଯ୍ୟଭୂମି ଭାରତ ଭୂଖଣ୍ଡରେ ମାତୃଶକ୍ତି ଉପାସନା ଗାଁ ଗହଳିରେ ବି ପ୍ରସାରିତ ହେବାରେ ଲାଗିଛି । ବିଭିନ୍ନ ରୂପରେ ମାତୃ ଆରାଧନାର ଅନ୍ୟତମ ପ୍ରାଚୀନ ଶକ୍ତି ପୀଠ ଓଡ଼ିଶାରେ ମାତୃଶକ୍ତି ବିଭିନ୍ନ ରୂପରେ ଆରାଧିତା ଯଥା- ମା ବିରଜା, ମହାଲକ୍ଷ୍ମୀ, ମା ଦୁର୍ଗା, ଶ୍ୟାମାକାଳୀ, ବିମଳା, ବିଇସାଳକା, ମା ମଙ୍ଗଳା, ଉଗ୍ରତାରା, ନାରାୟଣୀ, ମା ଚର୍ଚ୍ଚିକା, ମା ଭଗବତୀ, କୀଚକେଶ୍ୱରୀ, ମା ତାରିଣୀ, ଭଦ୍ରକାଳୀ, ହରଚଣ୍ଡୀ, ହେଙ୍ଗୁଳା, ଗୌରୀ, ଭୁବନେଶ୍ୱରୀ, କନକଦୁର୍ଗା, ଭଟ୍ଟାରିକା, ମାଣିକେଶ୍ୱରୀ, ପାଟଣେଶ୍ୱରୀ, ମା ଭୁଆଶୁଣୀ, ସମଲେଶ୍ୱରୀ । ଚୌରାଶୀସ୍ଥ ବାରାହୀ ଆଦି ଶକ୍ତିଦେବୀ ଓ ପ୍ରତ୍ୟେକ ଗ୍ରାମରେ ଗ୍ରାମଦେବତୀ ରୂପେ ଭିନ୍ନ ଭିନ୍ନ ନାମରେ ମାତୃଶକ୍ତି ଆରାଧନା ଜନଜୀବନକୁ ଆଧାତ୍ମିକ ସ୍ରୋତରେ ପ୍ଲାବିତ କରିଆସିଛି ।

ସାଧାରଣତଃ ଶକ୍ତିର ଆରାଧଦେବୀ ଦୁର୍ଗାଙ୍କ ଉପାସନା ପ୍ରମୁଖ ଉପାସନା ରୂପେ ମାନ୍ୟତା ପାଇଆସୁଛି ଶାକ୍ତ ସଂସ୍କୃତିରେ । ମା ଦୁର୍ଗାଙ୍କର ବିଭିନ୍ନ ରୂପ ଆରାଧନା ସମଗ୍ର ଦେଶରେ ବିଭିନ୍ନ ସ୍ଥାନରେ କରାଯାଏ । ମହାଶକ୍ତିଙ୍କୁ ବିଭିନ୍ନ ରୂପରେ ବିଭିନ୍ନ ନାମରେ ଆରାଧନା କରାଯାଇ ନିରାଜନା ଓ ଅର୍ଚ୍ଚନା କରାଯାଇଥାଏ । ସେ ପରମ ବୈଷ୍ଣବୀ, ଶାକମ୍ଭରୀ, ଶତାକ୍ଷୀ, ଅନ୍ନପୂର୍ଣ୍ଣା, ଯୋଗମାୟା, ଯୋଗନିଦ୍ରା, କାଳରାତ୍ରି ମହାରାତ୍ରି, ମୋହରାତ୍ରି, ଚିନ୍ମୟୀ, ସନାତନୀ, ଜ୍ଞାନମୟୀ, କଲ୍ୟାଣମୟୀ, କଲ୍ୟାଣୀ, ଶ୍ରୀଚଣ୍ଡୀ, ଅପରାଜିତା, ଉମା, ହୈମବତୀ, ଅମ୍ବିକା, ମୁଣ୍ଡମାଳା, ବିଭୂଷଣୀ, ଭ୍ରାମରି, ଶବାରୂଢ଼ା, ପରମ ନିର୍ଗୁଣା, ସର୍ବରୂପା, ସର୍ବାଶ୍ରୟା, ସଙ୍କଟ ତାରିଣୀ, ଅଭୟା, ବରଦା, ଭଗବତୀ, ଭବାନୀ, ରୂପା, ଅରୂପା, ଆଦିଯୋଗିନୀ, ଅନନ୍ତବୀର୍ଯ୍ୟା, କଳା, କାଷ୍ଠା, ସ୍ୱାହା, ସୁଧା, ବୁଦ୍ଧି, ଲଜ୍ଜା, ତୁଷ୍ଟି, ପୁଷ୍ଟି, ଶାନ୍ତି, ଧୃତି, କ୍ଷମା ରୂପେ ସର୍ବତ୍ର ବିରାଜିତା । ଅବ୍ୟକ୍ତା ଆଦ୍ୟା ପ୍ରକୃତି ଆଦି ଶକ୍ତି, ଋଗ୍‌ବେଦର ଛନ୍ଦୋବଦ୍ଧ ମନ୍ତ୍ରଶକ୍ତି, ଯଜୁର୍ବେଦର ଗଦ୍ୟ ମନ୍ତ୍ରଶକ୍ତି ଓ ସାମବେଦର ଗୀତିମୟ ମନ୍ତ୍ରଶକ୍ତି, ଅଥର୍ବବେଦର ବୈଦିକ, ଶ୍ରୁତିରୂପିଣୀ ସମୁଚ୍ଚାରିତ ବାଙ୍ଗମୟ ଦିବ୍ୟ ଶକ୍ତି, ଅଶେଷ ନାମର ଅନାଦି ଆଦିଶକ୍ତି ହେଉଛନ୍ତି ମହାମାୟା ଦୁର୍ଗା ।

ଶକ୍ତି ରୂପରେ ଦୁର୍ଗାକାତ୍ୟାୟନୀଙ୍କ ଅନ୍ୟରୂପ ଯେ ଏକାନଂସା, ଏକଥା ବହୁତ କମ୍ ଜାଣନ୍ତି । ବହୁ ସମୟରେ ଛିନ୍ନମସ୍ତା ରୂପକୁ 'ଏକାନଂସା' ବୋଲି କେତେକ ଅଭିହିତ କରିଥାଆନ୍ତି ଯାହା ଭ୍ରମାତ୍ମକ । କାଳର କରାଳରେ ଭିନ୍ନ ଭିନ୍ନ ଧର୍ମ ଧାରଣା ଓ ଜନଗଣଙ୍କ ଆଧାତ୍ମିକ ମାନସିକତାକୁ ପୁଞ୍ଜି କରି ମା ଦୁର୍ଗାଙ୍କ ଏହି ଏକାନଂସା ନାମ ପରିବର୍ତ୍ତିତ ହୋଇ ସୁଭଦ୍ରା ଦେବୀ ରୂପେ ଆଖ୍ୟାୟିତ ହୋଇଥିବା ବିଭିନ୍ନ ପୌରାଣିକ ଓ ଐତିହାସିକ ଗ୍ରନ୍ଥମାନଙ୍କରୁ ସୂଚନା ମିଳେ । ବିଭିନ୍ନ ତନ୍ତ୍ରଶାସ୍ତ୍ରରେ ପୁରୀକୁ ଏକ ପ୍ରମୁଖ ପୀଠସ୍ଥାନ ରୂପେ ମାନ୍ୟତା ଦିଆଯାଇ ଶ୍ରୀ ଭୈରବ ଓ ମା ବିମଳାଙ୍କୁ ଭୈରବୀ ରୂପେ ଆଖ୍ୟା ଶକ୍ତି ଉପାସକମାନଙ୍କର ଏହି ପ୍ରସିଦ୍ଧ ପୀଠର କ୍ଷେତ୍ରଶକ୍ତି ହେଉଛନ୍ତି ମା ସୁଭଦ୍ରା ଯିଏ ପୂର୍ବବର୍ତ୍ତୀ ସମୟରେ ଏକାନଂସା ନାମରେ ପରିଚିତ ଥିଲେ । ମହାଭାରତରେ ଦେବୀ 'ଏକାନଂସା'ଙ୍କ ସଂପର୍କରେ ବିଭିନ୍ନ ପ୍ରାଚୀନ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ମହାଭାରତରେ ବର୍ଣ୍ଣିତ ଅଙ୍ଗିରାଙ୍କ କନ୍ୟା 'କୁହୁ'ଙ୍କର ଅନ୍ୟନାମ ଏକାନଂସା ।

ଆଦି ଶକ୍ତିଙ୍କର ଦଶ ବିଭୂତି ଭୂତା ବିଦ୍ୟାଶକ୍ତିର ଦେବୀମାନେ ହେଲେ ପରାଶକ୍ତିର ଅପରା ଉଦ୍ଭବ ଦଶ ମହାବିଦ୍ୟା ଯଥା-କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା । ଏହି ବିଦ୍ୟାର ବିଧାତ୍ରୀମାନେ ଦେବୀମାନେ ମହାଶକ୍ତିଙ୍କ ନିର୍ଦ୍ଦେଶରେ ପ୍ରକଟିତ ହୋଇ ଶିବଙ୍କର ଅହଙ୍କାରକୁ ଚୂର୍ଣ୍ଣ ଭୂତ କରିଥିଲେ । ଏହି ଦେବୀମାନେ ଦଶଦିଗରେ ଆବିର୍ଭୂତା ହୋଇ ଶିବଙ୍କର ପଳାୟନ ପଥକୁ ରୁଦ୍ଧ କରିଥିଲେ ।

ସେହି ପରି ସପ୍ତଶତୀ ଚଣ୍ଡୀଙ୍କ ଦେବୀ କବଚ ଅନୁସାରେ ଶକ୍ତିଙ୍କୁ ନବଦେବୀ ରୂପେ ଆରାଧନା କରାଯାଏ । ଜଡ଼ ଓ ଚେତନା ସବୁଠାରେ ଏହି ମହାଶକ୍ତି ବିରାଜମାନ । ଦେବୀଙ୍କ ନିକଟରେ ପୂର୍ଣ୍ଣସମର୍ପିତ ହୋଇ ଆରାଧନା କଲେ ସକଳ ମଙ୍ଗଳ ଫଳ ମିଳିଥାଏ ।

# ଭାରତୀୟ ଧର୍ମଧାରାରେ ଦୁର୍ଗାପୂଜା

**ଭା**ରତୀୟ ଧର୍ମଧାରାରେ ଦୁର୍ଗାପୂଜା ବହୁ ଭାରତୀୟ ଧର୍ମଧାରାରେ ଦୁର୍ଗାପୂଜା ବହୁ ପ୍ରାଚୀନ। ସନାତନ କାଳରୁ ଏହା ହୋମକ୍ରିୟା, କିମ୍ବଦନ୍ତୀ, ପୁରାଣ, କାରୁକାର୍ଯ୍ୟ, ପୂଜା, ଯଜ୍ଞ, ବଳୀ, ବର୍ଣ୍ଣାଢ୍ୟତା, ପ୍ରାର୍ଥନା, ବିବିଧବାଦ୍ୟ, ବିଭିନ୍ନ ପୁଷ୍ପ, ପତ୍ର, ବନସ୍ପତି, ଔଷଧ ବହୁ ବୈଦିକ ଓ ତାନ୍ତ୍ରିକ ପୂଜାର୍ଚ୍ଚନାରେ ପରିପୂର୍ଣ୍ଣ। ଭାରତୀୟ ଧର୍ମ ଧାରାରେ ଦୁର୍ଗାପୂଜା ଠାରୁ ସାର୍ବଜନୀନ ପୂଜା, ବର୍ଣ୍ଣାଢ୍ୟ ପୂଜା ଓ କୋଟି କୋଟି ଜନତାର ଭକ୍ତି ଓ ଭାବାବେଶକୁ ଧରି ଏହାଠାରୁ ବଡ ପର୍ବ ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ସାର୍ବଜନୀନ ତାରେ ଗଣପତି ପୂଜା, ସରସ୍ୱତୀ ପୂଜା, ମହାଶିବରାତ୍ରି, ଜନ୍ମାଷ୍ଟମୀ, ରାମ ନବମୀ, ମହାବିଷୁବ ସଂକ୍ରାନ୍ତି, ମହାଳୟା, ଦୀପାବଳୀଠାରୁ ମଧ ଏହା ବ୍ୟାପକ ଓ ବର୍ଣ୍ଣାଢ୍ୟ। ନବରାତ୍ର ପୂଜା ଆରମ୍ଭ ହେଲେ ମନେ ହୁଏ ସତେ ଯେମତି ମାଁ ଦୁର୍ଗତିର ନାଶିନୀ ଦୁର୍ଗା। ସମସ୍ତ ଦିବ୍ୟ ଅସ୍ତ୍ର, ଦିବ୍ୟରୂପ, ଦିବ୍ୟ ଶକ୍ତି, ଦିବ୍ୟ ଐଶ୍ୱର୍ଯ୍ୟା ସମସ୍ତ ଦେବ ଦେବୀଙ୍କର ଶକ୍ତି ନେଇ ଧରାପୃଷ୍ଠରେ ଅବତରଣ କରନ୍ତି। ସହାସ୍ୟ ଅବତରଣ କରନ୍ତି, ସହାସ୍ୟ ବଦନରେ ପ୍ରିୟ ସମାନ ମାନଙ୍କର ଦୁର୍ଗତୀ ନାଶନ ପାଇଁ। ଶ୍ରୀଅରବିନ୍ଦ ଦୁର୍ଗା ସ୍ତୋତ୍ରରେ କହିଛନ୍ତି, ମାତଃ ଦୁର୍ଗେ ସିଂହବାହିନୀ, ସର୍ବଶକ୍ତି ଦାୟିନୀ ମାତୁଃ ଶିବ ପ୍ରିୟେ! ତୋର ଶକ୍ତ୍ୟାଂଶ ଜାତ ଆମ୍ଭେମାନେ ଭାରତ ବର୍ଷର ଯୁବଗଣ ତୋର ମନ୍ଦିରରେ ଆଗମନ ପ୍ରାର୍ଥନା କରୁଛୁ- ଶୁଣ, ମାତଃ, ଏହି ଭାରତ ବର୍ଷରେ ଆବିର୍ଭୂତ ହୁଅ, ପ୍ରକାଶ ହୁଅ... ଆମର ସମଗ୍ର ଜୀବନ ହେଉ ଏକ ମାତ୍ର ପୂଜା। ଦୁର୍ଦ୍ଦାନ୍ତ ଉପରେ ଜୟଲାଭ କରି ଅସତ୍ୟ ଓ ଦୁରାଚାର ଉପରେ ଜୟ ଲାଭ କରି ଶାନ୍ତିର ଓ ଅଭୟର ଐଶ୍ୱର୍ଯ୍ୟ ଦେବା ପାଇଁ ସେ ଆବିର୍ଭୂତା ହୁଅନ୍ତି। ମହିଷାସୁର ପରି ଏକ ଦୁର୍ଦ୍ଦାନ୍ତ ଅସୁରକୁ ଦିବ୍ୟରୂପ ଧାରଣ କରି ବଧ କରନ୍ତି ଓ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରନ୍ତି। ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଜଗନ୍ନାଥଙ୍କର ଘୋଷଯାତ୍ରା ପରି ଏହା ଜନମାନସରେ ଅତି ନିବିଡ ଭାବେ ଜଡିତ। ପାର୍ବତୀ ଆଗମନରେ ଧରା ଉଲ୍ଲସୀତ ହୁଏ। ଢୋଲ, କରତାଳ, ଝାଞ୍ଜି, ଶଙ୍ଖା, ମହୁରୀ, ଦୁନ୍ଦୁଭି, ପଣାଭବ, ଭେରୀ, ତୁରୀ ଓ ଘଣ୍ଟର ନାଦରେ ପୃଥିବୀ ଓ ଦ୍ୟାବା ପ୍ରବନ୍ଦିତ ହୁଏ। ଦେବୀଙ୍କର ଆଗମନରେ ମନୁଷ୍ୟର ମନ ପ୍ରାଣ ପୁଲକିତ ହୁଏ। ସେବାର ବହୁ ପ୍ରତିକ୍ଷୀଣ ମାଁଙ୍କୁ ଭକ୍ତି ପୂତ ଭାବରେ ଧାତୁ ମୂର୍ତ୍ତିରେ, ମୃଣ୍ମୟ ମୂର୍ତ୍ତିରେ, ପଥର ମୂର୍ତ୍ତିରେ, ଚିତ୍ର ରୂପରେ ଷୋଡଶ ଉପଚାରରେ ମନ ପ୍ରାଣ ଦେଇ ପୂଜାର୍ଚ୍ଚନା କରେ। ପ୍ରକୃତି ରୂପିଣୀ, ମାତୃରୂପିଣୀ, ଦୁର୍ଗତୀ ହାରିଣୀ ମା ଦୁର୍ଗାଙ୍କୁ ସବୁ ପାର୍ଥିବ ଓ ପ୍ରବୃଦ୍ଧି ଭିତରେ ଦର୍ଶନ କରେ। ଭକ୍ତିରେ ସେ ହୁଏ ଆତ୍ମହରା। ଉଦ୍ଧାତ୍ତ କଣ୍ଠରେ ଗାଏ-“ ଯା ଦେବୀ ସର୍ବ ଭୂତେସୁ ଶକ୍ତି ରୂପେଣ ସଂସ୍ଥିତା ନମଃ ତସ୍ୟେ, ନମଃ ତସ୍ୱେ, ନମୋଃ ନମୋ... ଇତ୍ୟାଦି। ସେ ତାଙ୍କୁ ଶକ୍ତି, ସୃଷ୍ଟି, ପ୍ରଜ୍ଞା, କାମ, ମାୟା, କାଳ ଓ ସର୍ବରୂପରେ ସ୍ତୁତି କରେ। ବିଭିନ୍ନ ମନ୍ତ୍ର ଦ୍ରଷ୍ଟା ଋଷିଙ୍କର ବିଭିନ୍ନ ମନ୍ତରେ ଓ ତାନ୍ତ୍ରିକ ମନ୍ତ୍ରରେ ତଥା ବୀଜ ମନ୍ତ୍ରରେ ଧରା ପ୍ରକ୍ରମିତ ହୁଏ। ଦଶ ମହାବିଦ୍ୟା ସ୍ତୋତ୍ର, ଦେବୀ



ପୁରାଣ, ଦେବୀ ଭାଗବତ, ଶ୍ରୀଶ୍ରୀ ଚଣ୍ଡୀ ଦୁର୍ଗା ସହସ୍ର ନାମ ଇତ୍ୟାଦି ପାଠ କଲେ, ଶ୍ରୀକାଳୀ ପାଠ କଲେ ଜଣାଯାଏ ଦେବୀଙ୍କୁ କିପରି ସବୁଶ୍ରେଷ୍ଠ ସ୍ଥାନ ଦେଇ ସର୍ବନ୍ତ କରଣରେ ପ୍ରାର୍ଥନା କରାଯାଇଛି। ଦୁର୍ଗାଙ୍କର ସମସ୍ତ ମନ୍ତ୍ର ଅତି ଶକ୍ତିଶାଳୀ ମନ୍ତ୍ର ଓ ଅଭିଷ୍ଟ ସିଦ୍ଧି ସହାୟକ। ଶ୍ରୀ ଶ୍ରୀ ଶ୍ରୀ ଦୁର୍ଗା ଅତି ପ୍ରାଚୀନ ଓ ସାର୍ବଜନୀନ। ଏହା ଗୁଢ଼, ଗୁପ୍ତ ଏବଂ ଗୁହ୍ୟ। ବୈଦିକ ଓ ତାନ୍ତ୍ରିକ ସମସ୍ତ ମନ୍ତ୍ର ଯନ୍ତ୍ର ଓ ତନ୍ତ୍ର ଏଠି ନିହିତ, ସମାହିତ ଓ ପରିଦୃଷ୍ଟ। ତେଣୁ ଏହା ଅତ୍ୟନ୍ତ ତାତ୍ତ୍ୱିକ! ଯେତେବେଳେ, ତନ୍ତ୍ର ମତେ ଦୁର୍ଗାଙ୍କୁ ପୂଜା କରାଯାଏ, କାଳୀ ବଗଳା, ମହାଲକ୍ଷ୍ମୀ, ମହାସରସ୍ୱତୀ, ଶୋଷଷୀ, ଇତ୍ୟାଦି ମନ୍ତ୍ରରେ ସେଠି ଖାଲି ତତ୍ତ୍ୱ ଓ ତତ୍ତ୍ୱର ହିଁ ପ୍ରକାଶ ଦେଖିବାକୁ ମିଳେ। ସାତ୍ତ୍ୱିକ ମାନେ ବୈଦିକ ମନ୍ତ୍ର ଓ ଦିବ୍ୟମନ୍ତ୍ରରେ ପୂଜା କଲାବେଳେ, ତାନ୍ତ୍ରୀକ ମାନେ ତାଙ୍କୁ ତାନ୍ତ୍ରୀକ ମନ୍ତ୍ରରେ ପୂଜା କରନ୍ତି। ସାର୍ବଜନୀନ ପୂଜାରେ ମଧ କେତେକ ତନ୍ତ୍ର ମତର ପୂଜା ଓ ତାନ୍ତ୍ରିକ ମନ୍ତ୍ର ଓ ବୀଜମନ୍ତ୍ରରେ ଆବାହନ କରି ଆହୁତି ଦିଆଯାଇଥାଏ। ଭାରତରେ ଆର୍ଯ୍ୟ ତଥା ଅନ୍ୟାନ୍ୟ ସଂସ୍କୃତି, ଦ୍ରାବିଡ ସଂସ୍କୃତିରେ ପଶ୍ଚିମ ଦେଶରେ, ନେପାଳ, ଭୁଟାନ, କାଶ୍ମୀର, ଆସାମ, ଶ୍ରୀଲଙ୍କା, ପ୍ରାଚ୍ୟ ଦେଶମାନଙ୍କରେ ଗ୍ରୀସ ଦେଶରେ ମାତୃଶକ୍ତି ବିଭିନ୍ନ ପ୍ରକାର ଓ ଭାବରେ ପୂଜିତା। ଗ୍ରୀସ୍ ଦେଶରେ ମାତୃଶକ୍ତି ଆଦିମ କାଳରୁ ପୂଜାପାଇ ଆସୁଛନ୍ତି। ମାତୃଶକ୍ତି ପ୍ରାୟ ସବୁ ଦେଶରେ ସବୁ ସଂସ୍କୃତିରେ ବିଭିନ୍ନ ରୂପରେ ପୂଜିତା ଏଥିରେ ସନ୍ଦେହ ନାହିଁ। ବ୍ରହ୍ମ ନିର୍ଗୁଣ ନିର୍ଲିପ୍ତ ନିରାକାର ଓ ନିର୍ବିକାର। ନିର୍ଗୁଣ ବ୍ରହ୍ମ କ୍ରୀୟାଶୀଳ ହେବାପାଇଁ ସୃଷ୍ଟିର ସର୍ଜନା ପାଇଁ, ପ୍ରବୃତ୍ତିର ଆଶ୍ରୟ ନିଏ। ତେଣୁ ନିର୍ଗୁଣ ବ୍ରହ୍ମର କ୍ରିୟାଶକ୍ତି, କାର୍ଯ୍ୟକ୍ଷମ ଶକ୍ତି ବା ଶକ୍ତି ହେଉଛି ଶକ୍ତି, ପ୍ରବୃତ୍ତି ଓ ମାୟା, ପ୍ରବୃତ୍ତି ବା ମାୟା ଦ୍ୱାରା ସମସ୍ତ ଜଗତ ତାର ସ୍ଥିତି, ସୃଷ୍ଟି ଲୟ ଓ ଗତିଶୀଳ ବା ପରିଚାଳିତ। ତେଣୁ ପ୍ରବୃତ୍ତି ବା ମାତୃ ବା ମାତୃକା, ମାୟାରୁ ମହାମାୟା, ତାରାରୁ ଉଗ୍ର ତାରା- ତାରାତାରୀଣୀ ଓ ଶକ୍ତି ସ୍ୱରୂପ ମା ଦୁର୍ଗାଙ୍କର ପୂଜା କରନ୍ତି। ତାର ସନ୍ତାନମାନଙ୍କ ସୁଖ, ଶାନ୍ତି, ବିଜୟ ସମୃଦ୍ଧି ପାଇଁ। ଧର୍ମ, ଅର୍ଥ, କାମ ଓ ମୋକ୍ଷ ପାଇଁ, ବିଜୟ ଓ ବିଭୂତି ପାଇଁ ଭକ୍ତ ମା ଦୁର୍ଗାଙ୍କର ପୂଜା କରିଥାନ୍ତି। ଦେବୀ ସକଳ ଐଶ୍ୱର୍ଯ୍ୟରେ ଆଧାର ଓ ଅଧାରିଣୀ। ସକଳ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ରର ଆଧାର ଓ ସମାହାର। ସମସ୍ତ ତତ୍ତ୍ୱ, ସମସ୍ତ ରୂପ, ରଙ୍ଗ, ରସ, ସମସ୍ତ ଦେବଦେବୀଙ୍କର ବିଭୂତି ଓ ଦୈବୀ ଶକ୍ତିର ସମନ୍ୱିତ ପରିପ୍ରକାଶ। ତେଣୁ ତାଙ୍କୁ ତାରା ତାରିଣୀ, ଉଗ୍ରତାରା, ମୟା, ମହାମୟା, କାମେଶ୍ୱରୀ, କାମାକ୍ଷୀ, ଚଣ୍ଡୀ, ଚାମୁଣ୍ଡା, ବୈଷ୍ଣବୀ, ନାରାୟଣୀ, ଭୈରବୀ ବାଗ୍‌ଦେବୀ, ମହାଲକ୍ଷ୍ମୀ ମହାସରସ୍ୱତୀ, ମହାକାଳୀ ଓ ଶ୍ରୀ ଦୁର୍ଗା ମହିଷାସୁର ମର୍ଦ୍ଦିନୀ ରୂପେ ପୂଜା କରାଯାଏ। ପୃଥିବୀ ସୃଷ୍ଟି ସହିତ ‘ତାରା ତତ୍ତ୍ୱ’ର ସମ୍ପର୍କ ରହିଛି। ସେହି ତାରା ହିଁ ଉଗ୍ରତାରା ରୂପେ ପରିଚିତ। କାଳୀ ଓ କୃଷ୍ଣ ତତ୍ତ୍ୱ ଅତି ନିକଟତର। କାଳୀ-କୃଷ୍ଣ ଶ୍ୱର ବିଷଦ୍ ବର୍ଣ୍ଣନା ମଧ ରହିଛି। କୃଷ୍ଣ ନିଜେ ପାଣ୍ଡବ ମାନଙ୍କ ପକ୍ଷ ଗ୍ରହଣ କରି ଓ ପାଣ୍ଡବମାନଙ୍କ ପ୍ରିୟସଖୀ ଦୌପଦୀଙ୍କର ସଖା ନ ହୋଇ ମଧ ତାଙ୍କୁ ମାୟା ରୂପୀ ଏକ ଦାସୀ ଦ୍ୱାରା ଆଚ୍ଛାଦିତ କରି ରଖିଥିଲେ। ଏହି ତତ୍ତ୍ୱ ମହାରସ୍ଥତରୁ ମିଳେ। ସୁଭଦ୍ରା ଭଉଣୀଙ୍କ ଏକ ଦାସୀ ‘ମାୟା’ ଥିଲେ- ଯେକି ଶ୍ରୀକୃଷ୍ଣଙ୍କ ମାୟା ବା ବିଷ୍ଣୁଙ୍କ ମାୟା, ପାଣ୍ଡବ ମାନଙ୍କୁ ମାୟା ଭିତରେ ଆଚ୍ଛାଦିତ କରି ରଖୁବା ପାଇଁ ଶ୍ରୀକୃଷ୍ଣ ପ୍ରେରଣ କରିଥିଲେ। ତେଣୁ ଦୁର୍ଗାତତ୍ତ୍ୱ ବିଷୟରେ ତତ୍ତ୍ୱଜ୍ଞମାନେ ବହୁ ତତ୍ତ୍ୱ କଥା ବର୍ଣ୍ଣନା କରିଛନ୍ତି। ମାଁ ସାରଦାଙ୍କୁ ରାମକୃଷ୍ଣ ପରଂହସ ମାଁ ବା ଦକ୍ଷିଣ କାଳୀ ରୂପରେ ଜାଣିଥିଲେ ଓ ଦେଖୁଥିଲେ। ଦୁର୍ଗାଙ୍କର କୃପାରୁ ରାମଚନ୍ଦ୍ର ରାବଣ ନିଧନ କରିଥିଲେ। ରାବଣବି ଦୁର୍ଗାଭକ୍ତ ବା ଶକ୍ତି ଭକ୍ତ ଥିଲା। ତାର ଧର୍ମର ହାନୀ ହେବାରୁ ମା ଦୁର୍ଗା ତାକୁ କୋଳରୁ ତଡ଼ିଦେଇ ଶ୍ରୀରାମକୁ ଆଶ୍ରୟ ଦେଇଥିଲେ ଓ ବିଜୟାଦଶମୀ ଦିନ ରାମ ରାବଣକୁ ବଧ କରିଥିଲେ ବୋଲି ତାର ନାମ ବିଜୟା ଦଶମୀ ମଧ କୁହାଯାଏ। ମନ୍ତ୍ରଦ୍ରଷ୍ଟା ଋଷିମାନେ ଦୁର୍ଗାଙ୍କୁ ସ୍ତୁତି କରି ଯେତେ ମନ୍ତ୍ର ରଚନା କରିଛନ୍ତି, ସେହି ପରି ନୈଚିତ ଦେବଦେବୀଙ୍କର ଉପରେ ମନ୍ତ୍ର ବୃଷ୍ଟି ଗୋଚର ହୁଏ। ଦୁର୍ଗାମନ୍ତ୍ର ଓ ସ୍ତୁତି ପ୍ରତ୍ୟହ ପାଠକଲେ ମାନସିକ ଶାନ୍ତି ମିଳେ, ଶକ୍ତି ମିଳେ, ଓ ବିପଦରୁ ମୁକ୍ତ ହେବା ପାଇଁ ସାହସ ମିଳେ। ବିଜୟ ବିଭୂତି ସବୁ କିଛି ମିଳିଥାଏ। ସେ ମଧ ମୋକ୍ଷ କାରିଣୀ। ତେଣୁ ସେ ବୈଷ୍ଣବୀ! ନାରାୟଣୀ ! ପରି ଦୃଶ୍ୟମାନ ସମସ୍ତ ଭୌତିକ ଜଗତ, ସୃଷ୍ଟି ଓ ଶକ୍ତି କେବଳ ଦୁର୍ଗାଙ୍କର ବିଭିନ୍ନ ରୂପମାତ୍ର। ତେଣୁ ବିଭିନ୍ନ ନାମରେ ସେ ପୂଜିତା। ବିଭିନ୍ନ ନାମରେ ତାଙ୍କୁ ଆରାଧନା କରାଯାଏ। ତେଣୁ ବୈଦିକ ଓ ଉପନିଷଦୀୟ। ଋଷିମାନେ ବିଭିନ୍ନ ଭାବରେ ହଜାର ସ୍ୱରରେ ମାଁଙ୍କର ସ୍ତୁତି ଗାନ କରିଛନ୍ତି, ଜଗତର କଲ୍ୟାଣ ପାଇଁ ଜଗତ ଜନନୀଙ୍କର କୃପା ପାଇଁ ଓ କରୁଣା ପାଇଁ। ତେଣୁ ଋଷି ପ୍ରାର୍ଥନା କରିଛନ୍ତି- ଆୟେସୁ ବର୍ଷବର୍ଣ୍ଣାରଂ ତ୍ରିନେତ୍ରା, ଚାରୁ ହାସିନୀ। ସର୍ବସମ୍ପନ୍ନା ଲକ୍ଷଣ, ମମବନ୍ଧୁ କୃତଶେଖରା” ଏବଂ ସିଦ୍ଧେଦେବୀ ଗଣେମୁକ୍ତା କୁମାରୀଭିଷ୍ଟ ସେବିତାଂ’ ସର୍ବକାମ ପ୍ରଦା ଦୁର୍ଗା ବରଦା ‘ଭକ୍ତ ବସ୍ଲା’ ଓ ନମଃ ପ୍ରବୃଦ୍ଧି ରୂପିଣ୍ୟେ ନମଃ।

ଦୁର୍ଗା ମହିଷା ମର୍ଦ୍ଦିନା, ସର୍ବ ଜନନୀ, ସେ ଜୟନ୍ତୀ ଦୁର୍ଗା, ପ୍ରବୃତି ରୂପିଣ, ଚଣ୍ଡ ମୁଣ୍ଡ ପ୍ରମଥିନୀ, ଶିବାନୀ ଓ ଅଭୟ ବାୟିନୀ। ସେଇ ମା ଦୁର୍ଗାଙ୍କୁ ଏକବାର ନମସ୍କାର। ସେ ବିଦ୍ୟା , ରୂପିଣୀ ଓ ସର୍ବ ବ୍ୟାପିନୀ, ତେଣୁ ସେହି ସର୍ବବ୍ୟାପିନୀ ଆଦ୍ୟା ଶକ୍ତିକାର ସମସ୍ତ ଦିଗରେ ନମସ୍କାର। ସେ ଦୁର୍ଗା, ଭଗବତୀ ଓ ଭଦ୍ର, ଶିବା ଓ ପର୍ବତ ବାସିନୀ, ଜଗତ ଜନନୀ ଦୁର୍ଗା, ଚଣ୍ଡିକା, କାଳୀକା, ବିମଳା ଓ ସତୀ। ସେ କ୍ଷିତୀଶ୍ୱରୀ ବା ସାରା ପୃଥିବୀର ଅଧିଶ୍ୱରୀ ଶାନ୍ତି, କ୍ଷାନ୍ତି, ସମାରୂପା, ଓ ସ୍ଥିତିମୟୀ। ସେ ଲଜ୍ଜାର ପ୍ରତୀକ। ସେ ହିଁ ସ୍ତୁତି, ସେହି ସ୍ତୁତ୍ୟା। ସେ ଭବାନୀ ଓ ଭବମୋହିନୀ।

ସେ ପୁଣି ମଙ୍ଗଳା, ସର୍ବ ମଙ୍ଗଳ, ବିଶ୍ୱମାତା ଏବଂ ହରିପ୍ରିୟା। ସେ ପର୍ବତ ରାଜା ହିମାଳୟଙ୍କର ସୁତା – ପାର୍ବତୀ, ସୌରୀ ଏବଂ ସେ ଗିରିକନ୍ଦର ବାସିନି। ସେହି ସହରରର ବିଶ୍ୱ, ସମଗ୍ର ସୃଷ୍ଟି ଓ ପ୍ରବୃତ୍ତିର ସ୍ୱରୂପା ସେ ବିଶ୍ୱର ଜନନୀ, ମହାମାୟା, ମହାରାତ୍ରୀର ଦାରୁଣ। ସୃଷ୍ଟିର ସର୍ଜନା ପାଇଁ ପ୍ରସ୍ତୁତିର ସୃଷ୍ଟି ପାଇଁ ଶକ୍ତିର ଆବଶ୍ୟକତା ଓ ମାତୃ ଶକ୍ତିର ଆବଶ୍ୟକତା ଅଛି। କେବଳ ନିର୍ଗୁଣ ନିରକାର ନିର୍ଲିପ୍ତ ବ୍ରହ୍ମ ତାହା କରିପାରି ନ ଥିଲେ। ସିଂହବାରଣ୍ୟକ ଉପନିଷଦରେ ଉଲ୍ଲେଖ ଅଛି ପ୍ରଜାପତି ନିଃସଙ୍ଗ ଜୀବନରେ ସନ୍ତୁଷ୍ଟି ଲାଭ କରି ପାରିଲେ ନାହିଁ। ତେଣୁ ସେ ଏଥିରୁ ଦୁଇ ହେବାକୁ ଚେଷ୍ଟା କରି ଶରୀରକୁ ଦୁଇ ଭାଗରେ ବିଭକ୍ତ କଲେ। ନିଜ ଶରୀରରୁ ଶତରୂପାଙ୍କୁ ଜନ୍ମ ଦେଇ ସୃଷ୍ଟି ସାଧନ ନିମିତ୍ତ ତାଙ୍କ ସହିତ ପ୍ରଣୟ ଲିପ୍ତ ହେଲେ। ପ୍ରଜାପତି ବିଚାର କଲେ ଯେ ବିର୍ଯ୍ୟ ସ୍ଥାପନ ନିମିତ୍ତ ଏକ ଯୋଗୀ ଭୂମିର ନିର୍ମାଣ କରିବେ। ତେଣୁ ସେ ସ୍ତ୍ରୀକୁ ସୃଷ୍ଟିକରି ତାର ଅଧୋଭାଗକୁ ଉପାସନା କଲେ। ପ୍ରଜାପତି ଉତ୍କୃଷ୍ଟ ଗତିଶୀଳ ପ୍ରସ୍ତର ଅସ୍ତ ସଦୃଶ ଶିଗ୍ନେକ୍ରିୟକୁ ଉତ୍ପନ୍ନ କରି ସେ ହାଇ ଯୋନିକୁ ପ୍ରେରିତ କଲେ। ଏହା ସୃଷ୍ଟି ସର୍ଜନାର ରହସ୍ୟ ଓ ଭାରତ କାହିଁକି ବିଶ୍ୱରେ ଶକ୍ତି ଉପାସନାର ତତ୍ତ୍ୱ।

**ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ**

## ହାର୍ଟ ପାଇଁ ଭଲ ସୋରିଷ ତେଲ

ସୋରିଷ ତେଲରେ ରାନ୍ଧିଲେ ହୃଦ୍‌ରୋଗ ଯେପରିକି କରୋନାରୀ ଆର୍ଟେରୀ ଡିଜିଜ୍ ୭୦ ପ୍ରତିଶତ କମ୍ ହୋଇଥାଏ। ଏହା ରକ୍ତ ସଞ୍ଚାଳନରେ ସାହାଯ୍ୟ କରିବା ସହ ହାଇପରଟେନସନ୍‌ରୁ ଶରୀରକୁ ରକ୍ଷା କରିଥାଏ। ସୋରିଷ ତେଲ କଚ୍ଚି ଘନି ପ୍ରକ୍ରିୟାରେ ଅନରିଫାଇନ୍ ଭାବେ ହେଉଥିବାରୁ ଏଥିରେ ଆବଶ୍ୟକୀୟ ଫ୍ୟାଟି ଏସିଡ୍ ସୁରକ୍ଷିତ ରହିଥାଏ। ସୋରିଷ



ତେଲରେ ଭିଟାମିନ୍ ଇ, ଏ, ଆଇରନ୍, କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ ଆଦି ରହିଥାଏ ଯାହା ଚର୍ମ ଓ କେଶର ସୁରକ୍ଷାରେ ସହାୟକ ହୋଇଥାଏ।

## ଆଜିର ଚିନ୍ତନ

**ସା**ରା ଜୀବନ ଧନ ସମ୍ପତ୍ତି, ମାନସମ୍ମାନ ଓ ପଦପଦବୀ ପଛରେ ଦୌଡ଼ି ଦୌଡ଼ି ହାଲିଆ ହୋଇ ପଡ଼ିଥିବା ଆଜିର ମଣିଷ ପାଇଁ ଷ୍ଟିଭ୍ ଜବସ୍‌ଙ୍କ ମୃତ୍ୟୁ କାଳୀନ ଜମାନବନ୍ଦୀରୁ ଅନେକ କିଛି ଶିଖିବାର ଅଛି।

ବିଶ୍ୱପ୍ରସିଦ୍ଧ ଆପଲ୍ କମ୍ପାନୀର ପ୍ରତିଷ୍ଠାତା ଷ୍ଟିଭ୍ ଜବସ୍‌ଙ୍କୁ କିଏ ବା ନ ଜାଣେ! ପ୍ରଚଣ୍ଡ ପ୍ରତିଭା’ର ଅଧିକାରୀ ଷ୍ଟିଭ୍ ନିଜ ଜୀବନକାଳ ଭିତରେ ଅଚଳାଚଳ ସମ୍ପତ୍ତିର ମାଲିକ ହୋଇ ପାରିଥିଲେ।

ତାଙ୍କ ନାମ ସାରା ପୃଥିବୀରେ ସୁବିଖ୍ୟାତ ହୋଇ ସାରିଥିଲା। କିନ୍ତୁ, ମାତ୍ର ଛପନ ବର୍ଷ ବୟସରେ ଦୁରାରୋଗ୍ୟ ଅଗ୍ନାଶୟର କ୍ୟାନସର ରୋଗରେ ପୀଡ଼ିତ ହୋଇ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଡାକ୍ତରଖାନାର ବିଛଣାରେ ଶୋଇ ଶୋଇ ନିଶ୍ଚିତ ମୃତ୍ୟୁ ସହିତ ଦିନରାତି ସଂଘର୍ଷ କରୁଥିବା ସମୟରେ ସେ ଲେଖିଥିବା କଥା କେଇପଦ ଆଜି ବି ହୃଦୟକୁ ସ୍ପର୍ଶ କରିଯାଏ।

ସେ ଲେଖିଥିଲେ -‘ବ୍ୟବସାୟିକ ଦୁନିଆର ଶିଖର ଦେଶରେ ପହଞ୍ଚି ସାରିଥିଲି ମୁଁ। ଅନ୍ୟମାନଙ୍କ ଆଖିରେ ମୋ ଜୀବନ ସଫଳତାର ଏକ ଜୀବନ୍ତ ଉଦାହରଣ ହୋଇ ସାରିଥିଲା। କିନ୍ତୁ କେବଳ କଠିନ ପରିଶ୍ରମ ଛଡ଼ା ଜୀବନରେ ଆନନ୍ଦ କଣ ମୁଁ ଜାଣି ପାରିଲି ନାହିଁ। ଧନସମ୍ପଦକୁ ହିଁ ଜୀବନ ବୋଲି ମାନି ନେଇଥିଲି ମୁଁ।

ଏବେ ରୋଗଶଯ୍ୟାରେ ପଡ଼ି ପଡ଼ି ଜୀବନର ଶେଷ କେଇଟା ନିଶ୍ୱାସର ହିସାବ ନିକାସ କରୁ କରୁ ମୁଁ ବୁଝି ପାରୁଛି ଯେ ମୋ ପାଇଁ ମୋର ସମସ୍ତ ଧନ ସମ୍ପଦ ଓ ପ୍ରସିଦ୍ଧି ଯାହା ପାଇଁ ଦିନେ ମୁଁ ବହୁତ ଗର୍ବିତ ଅନୁଭବ କରୁଥିଲି, ଆଜି ତାହା ଅର୍ଥହୀନ ହୋଇ ପଡ଼ିଛି। ସୁନ୍ଦର ଜୀବନଟିଏ ପାଇଁ ଟଙ୍କା ପଇସାର କିଛିଟା ଆବଶ୍ୟକତା ତ ନିଶ୍ଚୟ ରହିଛି, କିନ୍ତୁ ତାଠାରୁ ଅନେକ ବେଶୀ ଆବଶ୍ୟକତା ରହିଛି ଏକ ସୁନ୍ଦର ସମ୍ପର୍କର, ଏକ ମନମତାଣିଆ ସ୍ୱପ୍ନର, ଆଖି ଲାଖି ରହୁଥିବା କଳାକୃତିର ଏବଂ ଅଜଣା ଅଶୁଣା ଜାଗାମାନଙ୍କରେ ବୁଲାବୁଲି କରି ଆନନ୍ଦ ଉଠେଇବାର। ଅନ୍ଧ ଭାବରେ ଧନସମ୍ପଦ ପଛରେ ଦୌଡ଼ିବାର ଫଳ ସ୍ୱରୂପ ମଣିଷ ଏକ ଯନ୍ତ୍ରମାନବରେ ପରିଣତ ହୋଇଥାଏ, ଯାହାର ଏକ ଜ୍ୱଳନ୍ତ ଉଦାହରଣ ମୁଁ ନିଜେ। ମୋର ଏ ସମସ୍ତ ଧନସମ୍ପତ୍ତି ମୁଁ ମରିଗଲେ ମୋ ସାଥିରେ ଯିବେ ନାହିଁ। ନା ମୋତେ ସେମାନେ ମୋର ମୃତ୍ୟୁ ମୁଖରୁ ବଞ୍ଚେଇ ପାରିବେ। ସେମାନେ ମୋ ଯନ୍ତ୍ରଣାରୁ କାଣିଚାଏ ମଧ ଲାଘବ କରି ପାରିବେ ନାହିଁ। ମୋ ସହିତ ଯଦି କେହି ରହିଯିବେ, ସେମାନେ ହେଲେ ମୋ ଜୀବନରେ ସ୍ୱଳ୍ପ ସମୟ ପାଇଁ ହେଲେ ମଧ ସୁନ୍ଦର ସମ୍ପର୍କର କିଛିଟା ସ୍ମୃତି, ଅଜଣା ଅଶୁଣା ମଣିଷ ମାନଙ୍କର ନିସ୍ୱାର୍ଥପର ଭଲ ପାଇବା ଏବଂ ସେମାନଙ୍କର ଆଶୀର୍ବାଦ।

ସେସବୁ’କୁ - ଟଙ୍କା ଦେଇ କିଣି ହେଉନଥିବା ସମ୍ପତ୍ତିମାନେ ହିଁ ଜଣେ ମଣିଷ ପାଇଁ ଅମୂଲ୍ୟ ରତ୍ନ ଠାରୁ କୌଣସି ଗୁଣରେ କମ୍ ନୁହେଁ। ସ୍ନେହ ପ୍ରେମ ଶ୍ରଦ୍ଧା ମଣିଷକୁ କେଉଁଠୁ ନେଇ କେଉଁଠି ପହଞ୍ଚେଇ ଦେଇ ପାରେ। ମୋ ଜୀବନରେ ସେ ସବୁକୁ ମୁଁ କିନ୍ତୁ କେବେ କୌଣସି ମୂଲ୍ୟ ଦେଇ ପାରିଲି ନାହିଁ। ଏବେ ବୁଝୁଛି, ଜୀବନର ସବୁଠାରୁ ଦାମିକିଆ ଶଯ୍ୟାର ନାମ ହେଲା ରୋଗଶଯ୍ୟା। ପଇସା ଦେଇ ଡ୍ରାଇଭର ଟିଏ ରଖାଯାଇ ପାରେ, କର୍ମଚାରୀ ରଖାଯାଇ ପାରନ୍ତି। କିନ୍ତୁ ତୁମ ପାଇଁ ରୋଗ ଶଯ୍ୟାରେ ଶୋଇବା ପାଇଁ ଗୋଟିଏ ବି ଲୋକ ମିଳିବେ ନାହିଁ। ସଂସାରରେ ଟଙ୍କା ପଇସା ବଳରେ ଅନେକ କିଛି କିଣି ହେବ, କିନ୍ତୁ ଜୀବନଟିଏ କିଣି ହେବ କି ? ଅପରେସନ ଟେବୁଲ୍ ଉପରେ ଶୋଇବା ସମୟରେ ଅନୁତାପ କରିଛି ଯେ ‘ସୁସ୍ଥ ଜୀବନର ରହସ୍ୟ’ ପୁସ୍ତକଟି ସମୟ ଥାଉଁ ଥାଉଁ କାହିଁକି ନ ପଢ଼ିଲି! ଜୀବନର ଶେଷ ଦୃଶ୍ୟରେ ଅଭିନୟ କରିବା ସମୟରେ ଅନେକ କିଛି ମନେ ପଡେ। କିନ୍ତୁ ସେତେବେଳକୁ ନେଡିଗୁଡ଼ କହୁଣୀକୁ ବୋହିଯାଇ ଥାଏ। ଜୀବନରେ ଯଦି ପାରୁଛ ସ୍ନେହ ପ୍ରେମ ଶ୍ରଦ୍ଧା ବାଣ୍ଟି ଚାଲ। ନିଜର ପରିବାର, ପିଲାପିଲିଙ୍କ ଛଡ଼ା ବନ୍ଧୁ ବାନ୍ଧବ, ସହକର୍ମୀ ଏବଂ ସାରା ସମାଜ ଓ ଦୁନିଆଁ ପାଇଁ ସ୍ନେହ ଓ ପ୍ରେମର ମହାସାଗରଟିଏ ହୋଇ ରହିଯାଅ ସମୟ ଥିବା ଭିତରେ। ନିଜର ମୂଲ୍ୟ ବୁଝ, ଅନ୍ୟମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ହୋଇ ରହିଯାଅ।

ସ୍ତ୍ରୀ ଜ୍ୱାର


ବର୍ଷ ୨୭, ସଂଖ୍ୟା- ୪୨, ୧୫ - ୨୧ ଅକ୍ଟୋବର ୨୦୨୩

## ଏସିଆଡ୍ ଗେମ୍ସରେ ଭାରତର ସଫଳତା

ହାଙ୍ଗଝୋରେ ଉଦଯାପିତ ହୋଇଥିବା ଏସିଆନ୍ ଗେମ୍ସ ୨୦୨୩ରେ ଭାରତ ୨୮ ସ୍ୱର୍ଣ୍ଣ ୩୮ ରୌପ୍ୟ ଓ ୪୧ ବ୍ରୋଞ୍ଜ ସହିତ ସମୁଦାୟ ୧୦୭ ପଦକ ହାସଲ କରିଛି । ଶୁଟିଂ ଆର୍ଚେରୀ, ସ୍କ୍ୱାଶରେ ଭାରତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବେଳେ ମହିଳା କ୍ରିକେଟ ଓ ପୁରୁଷ କ୍ରିକେଟ ଦଳ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ମହିଳା ଶଟପୁଟରେ ୭୨ ବର୍ଷରେ ୪×୪୦୦ ମିଟର ରିଲେରେ ୬୧ ବର୍ଷ ପରେ, ଇକ୍ୱିଷ୍ଟିଆନରେ ୪୧ ଓ ବ୍ୟାଡ଼ମିଣ୍ଟନରେ ୪୦ ବର୍ଷ ପରେ ଭାରତ ପଦକ ହାସଲ କରିଥିଲା । ଦଶନ୍ଧି ଧରି ଭାରତ ଏହି ସବୁ ଇଭେଣ୍ଟରେ ପଦକ ହାସଲ କରି ନ ଥିବା ବେଳେ ଖେଳାଳି ମାନଙ୍କ ପ୍ରୟାସରେ ହିଁ ଏହା ସମ୍ଭବ ହୋଇ ପାରିଛି । ଭାରତ ପଦକ ହାସଲ କରିଥିବା ଇଭେଣ୍ଟ ମଧ୍ୟରୁ ୨୦ଟିରେ ପ୍ରଥମ ଥର ପୋଡିୟମ ଫିନିଶ କରିବାରେ ସଫଳ ହୋଇଥିବା ବେଳେ ଦେଶର ଯୁବ ଖେଳାଳିଙ୍କ ପାଇଁ ଏହା ଏକ ନୂତନ ରାସ୍ତା ଉନ୍ମୁକ୍ତ କରିଛି । ଭାରତ ଯେତିକି ପଦକ ଜିତିଛି ଏହାର ଅଧାରୁ ଅଧିକ ମହିଳା ଖେଳାଳି ମାନେ ଜିତିଥିବା ବେଳେ ପୁରୁଷ ଖେଳାଳିଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣିତ କରିଛନ୍ତି । ମହିଳା କ୍ରିକେଟ ଦଳ ପଦକ ଜିତି ଆରମ୍ଭ କରିଥିବା ବେଳେ ବକ୍ସିଂରେ ଭାରତୀୟ ଖେଳାଳି ସର୍ବାଧିକ ପଦକ ବିଜୟୀ ହେବାର ରେକର୍ଡ କରୁଛନ୍ତି । ଆଥଲେଟିକ୍ସରେ ମଧ ଭାରତୀୟ ମହିଳା ଖେଳାଳି ମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ପୂର୍ବରୁ ମଧ ଆମର ଆଥଲେଟ ମାନେ ଭଲ ପ୍ରଦର୍ଶନ କରୁଥିଲେ । ୨୦୧୪ ପରିଠାରୁ ସରକାରଙ୍କ ଉଦ୍ୟମ କାରଣରୁ ଏଥିରେ ଉନ୍ନତି ଆସିଛି । ୨୦୧୪ ପରଠାରୁ କ୍ରୀଡା ବଜେଟ୍‌କୁ ୩ ଗୁଣ ବୃଦ୍ଧି କରାଯାଇଥିବା ବେଳେ ଖେଲୋ ଇଣ୍ଡିଆ ଓ ଟପ୍ସରେ ଭାରତ ଆଗୁଆ ରହିଛି । ଭାରତ ଆଗାମୀ ଦିନରେ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରିବାର ଆଶା ରହିଥିବା ବେଳେ ୨୦୨୬ରେ ଜାପାନରେ ହେବାକୁ ଥିବା ଆଗାମୀ ସଂସ୍କରଣରେ ମଧ ସମାନ ପ୍ରଦର୍ଶନ ଦୋହରାଇବା ନେଇ ଆଶା କରାଯାଉଛି । ବର୍ତ୍ତମାନ ଦେଶର କୋଣ ଅନୁକୋଣରୁ ଆଥଲେଟ ମାନେ ଖେଲୋ ଇଣ୍ଡିଆ ଜରିଆରେ ଚୟନ ହେଉଛନ୍ତି । ସେହିପରି ଯୁବ ଖେଳାଳି ମାନେ ବିଜୟୀ ହେବା କାରଣରୁ ଦେଶ ଏକ ସ୍ପୋର୍ଟିଂ ନେଶନ ହେବା ଆଡକୁ ଅଗ୍ରସର ହେଉଛି । ଖେଲୋ ଇଣ୍ଡିଆ ବର୍ତ୍ତମାନ ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି । ଏହା ମଧ୍ୟରୁ ୩ ହଜାର ଆଥଲେଟ ବାହାରିଥିବା ବେଳେ ବିଗତ ୯ ବର୍ଷ ମଧରେ ସରକାର ୨୫ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି ।

## କୋଟି କୋଟି ଜନତାଙ୍କ ପାଇଁ କଳା

**ମହାତ୍ମା ଗାନ୍ଧୀ**



ଅନ୍ୟ ସକଳ ଅବସର ପରି ଏହି କ୍ଷେତ୍ରରେ ମଧ ମୁଁ କୋଟି କୋଟି ଜନତାଙ୍କର ପରିପ୍ରେକ୍ଷୀରେ କଥାଟିର ବିଚାର କରିବି । କୋଟି କୋଟି ଜନଗଣ ଯେପରି ସୌନ୍ଦର୍ଯ୍ୟ ମଧରେ ସତ୍ୟକୁ ଦେଖିପାରିବେ, ସେଥିଲାଗି ଆମେ ସେମାନଙ୍କୁ କଦାପି ଆବଶ୍ୟକ ଶିକ୍ଷା ଦେଇ ପାରିବାନାହିଁ । ତେଣୁ ଆମେ ସବା ଆଗେ ପ୍ରାଣ ଧାରଣ ଲାଗି ଆବଶ୍ୟକ ଦ୍ରବ୍ୟଗୁଡ଼ିକୁ ଆଣି ଜୁଟାଇଦେବା ଏବଂ ତା' ପରେ ଜୀବନର ଯାବତୀୟ ସୌନ୍ଦର୍ଯ୍ୟ ଓ ଅଳଙ୍କାର ଅବଶ୍ୟ ଉପଲବ୍ଧ ହୋଇଯିବ ।

ମୁଁ ଏପରି କଳା ଏବଂ ସାହିତ୍ୟ ଇଚ୍ଛା କରୁଛି, ଯାହାକି କୋଟି କୋଟି ମନୁଷ୍ୟଙ୍କ ଆଗରେ କଥା କହି ପାରୁଥିବ ।

କଳାର ପଦବାଚ୍ୟ ହେବା ଲାଗି କଳା ଦୁଃଖର ଉପଶମ କରାଇ ପାରୁଥିବା ଉଚିତ । ଅସଲ କଥା ହେଉଛି, ଅଧିକରୁ ଅଧିକ ଉତ୍ପାଦନ କରିପାରିବା ଲାଗି ଅଭିପ୍ରେତ ଶକ୍ତିଦ୍ୱାରା ଚାଳିତ ନିର୍ଜୀବ ଯନ୍ତ୍ରସାମଗ୍ରୀର ମାଧମରେ ନୁହେଁ, କେବଳ ଅସଂଖ୍ୟ ନରନାରୀଙ୍କ ହାତର କୋମଳ ଓ ଜୀବନ୍ତ ସ୍ପର୍ଶ ଦ୍ୱାରା ହିଁ କଳାର ଅଭିବ୍ୟକ୍ତି ସମ୍ଭବ ହେବ ।

ଯଥାର୍ଥ କଳା କେବଳ ବାହ୍ୟ ଆଙ୍ଗିକଟିର ଖିଆଲ ରଖି ନଥାଏ, ଯାହାକିଛି ପଶ୍ଚାତରେ ରହିଛି, ତାହା ସେଇଟିର ଖିଆଲ ମଧ ରଖିଥାଏ । ଗୋଟିଏ କଳା ରହିଛି, ଯାହା ସଂହାର କରେ । ଆଉ ଗୋଟିଏ କଳା ରହିଛି, ଯାହା ଜୀବନ ପ୍ରଦାନ କରେ । ଯଥାର୍ଥ କଳା ତାହାର ସ୍ରଷ୍ଟାମାନଙ୍କର ସୁଖ, ସନ୍ତୋଷ ଏବଂ ଶୁଦ୍ଧତାର ହିଁ ନିଦର୍ଶନ ହୋଇ ରହିଥିବା ଉଚିତ ।

ହୃଦୟର ପବିତ୍ରତାରେ ବସ୍ତୁତଃ ଯଥାର୍ଥ ସୌନ୍ଦର୍ଯ୍ୟ ନିହିତ ହୋଇ ରହିଛି ।

ମୋତେ ସଙ୍ଗୀତ ଭଲ ଲାଗେ, ଅନ୍ୟାନ୍ୟ ଯାବତୀୟ କଳା ଭଲ ଲାଗେ । ମାତ୍ର ସାଧାରଣତଃ ସେଗୁଡ଼ିକ ଉପରେ ଯେଉଁସବୁ ମୂଲ୍ୟର ଆରୋପ କରାଯାଏ, ମୁଁ ସେହିସବୁ ମୂଲ୍ୟର ଆରୋପ କରି ନ ଥାଏ । ଉଦାହରଣ ସ୍ୱରୂପ, ଯେଉଁଗୁଡ଼ିକୁ ବୁଝି ପାରିବାଲାଗି ପ୍ରବିଧିଗତ ଜ୍ଞାନ ପ୍ରୟୋଜନ ହୋଇଥାଏ, ସେହିସବୁ କାର୍ଯ୍ୟକଳାପର ମୂଲ୍ୟକୁ ମୁଁ ସ୍ୱୀକାର କରି ପାରେନାହିଁ ।

ଜୀବନ ହିଁ ଯାବତୀୟ କଳାଠାରୁ ଅଧିକ ବଡ଼ । ମୁଁ ଆହୁରି ଆଗକୁ ଯାଇ ଏକଥା ମଧ କହିବି ଯେ, ଯାହାର ଜୀବନ ପରିପୂର୍ଣ୍ଣତାର ସର୍ବାଧିକ ନିକଟକୁ ଆସି ପାରିଛି, ସେଇ ହେଉଛି ସବୁଠାରୁ ବଡ଼ କଳାକାର । କାରଣ, ଏକ ଭବ୍ୟ ଓ ମହାନ୍ ଜୀବନର ସୁନିଶ୍ଚିତ ମୂଳଦୁଆ ଏବଂ ଛାଞ୍ଚଟିଏ ନ ଥିଲେ କଳାର ଆଉ ପ୍ରକୃତରେ କେଉଁ ତାତ୍ପର୍ଯ୍ୟ ରହିବ ?

କୌଣସି କାରଣରୁ ଆମେ ଏଭଳି ବିଶ୍ୱାସ କରିବାରେ ଅଭ୍ୟସ୍ତ ହୋଇଯାଇଛୁ ଯେ କଳାର ବ୍ୟକ୍ତିଗତ ଜୀବନର ଶୁଦ୍ଧତା ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ । ମୋ' ପାଖରେ ରହିଥିବା ସମସ୍ତ ଅଭିଜ୍ଞତାର ସମର୍ଥନ ସହିତ ମୁଁ ଏକଥା କହିପାରିବି ଯେ, ଏହାଠାରୁ ଅଧିକ ଅସତ୍ୟ ଧାରଣା ଆଉକିଛି ନାହିଁ । ଆପଣା ପାର୍ଥିବ ଜୀବନର ଅନ୍ତିମ ଚରଣର ନିକଟବର୍ତ୍ତୀ ହୋଇ ଆସୁଥିବା ବେଳେ ମୁଁ ଏକଥା ଅବଶ୍ୟ କହିପାରିବି ଯେ, ଜୀବନର ପବିତ୍ରତା ହେଉଛି ଉଚ୍ଚତମ ଏବଂ ଯଥାର୍ଥତମ କଳା । ଏକ ସୁଶିକ୍ଷିତ କଣ୍ଠରୁ ଉତ୍ତମ ସଂଗୀତ ଗାନ କରିବା, ଏକଥା ତ ଅନେକ ବ୍ୟକ୍ତି କରି ପାରିବେ, ମାତ୍ର ଏକ ପବିତ୍ର ଓ ଶୁଦ୍ଧ ଜୀବନର ସମଞ୍ଜସତା ମଧରୁ ସେହି ସଂଗୀତଟିକୁ ସମ୍ଭବ କରିପାରିବାର କଳା–ଏହା ଅତି କ୍ୱଚିତ୍ ହାସଲ କରାଯାଇ ପାରିବ ।

ମୁଁ ସତ୍ୟ ମଧରେ ଅର୍ଥାତ୍ ସତ୍ୟକୁ ମାଧମ କରି ହିଁ ସୌନ୍ଦର୍ଯ୍ୟର ଦର୍ଶନ ଓ ଆବିଷ୍କାର କରିଥାଏ । ଯାବତୀୟ ସତ୍ୟ, କେବଳ ସତ୍ୟ ବିଚାରଗୁଡ଼ିକ ନୁହେଁ, ସତ୍ୟର ପ୍ରକାଶ କରୁଥିବା ମୁଖଗୁଡ଼ିକ, ଛବି କିମ୍ବା ସଂଗୀତଗୁଡ଼ିକ, ଏଗୁଡ଼ିକ ପ୍ରକୃତରେ ଅତ୍ୟନ୍ତ ସୁନ୍ଦର । ଲୋକମାନେ ସାଧାରଣତଃ ସତ୍ୟ ମଧରେ ସୌନ୍ଦର୍ଯ୍ୟର ସନ୍ଦର୍ଶନ କରି ପାରନ୍ତିନାହିଁ, ସାଧାରଣ ମନୁଷ୍ୟ ସେହି ସତ୍ୟ ପାଖରୁ ଦଉଡ଼ି ପଳାଇଯାଏ ଏବଂ ସେଥିରେ ନିର୍ମିତ ହୋଇ ରହିଥିବା ସୌନ୍ଦର୍ଯ୍ୟ ବିଷୟରେ ଅନ୍ଧ ହୋଇ ରହିଥାଏ । ମନୁଷ୍ୟମାନେ ଯେତେବେଳେ ସତ୍ୟରେ ହିଁ ସୌନ୍ଦର୍ଯ୍ୟ ଦେଖିବାକୁ ଆରମ୍ଭ କରିବେ, ସେତେବେଳେ ଯାଇ ଯଥାର୍ଥ କଳାର ଉଦୟ ସମ୍ଭବ ହେବ ।

ଆପଣାର ବାହାର ଚେହେରାଟି ଯେଉଁପରି ହୋଇଥାଉ ପଛକେ, ଯେଉଁ ମୁଖଟି ଭିତରେ ଆତ୍ମାର କ୍ଷେତ୍ରରେ ରହିଥିବା ସତ୍ୟ ଦ୍ୱାରା ସମୁଜ୍ଜ୍ୱଳ ଦିଶୁଥାଏ, ଜଣେ ଯଥାର୍ଥ କଳାକାର ସେହି ମୁଖଟିକୁ ହିଁ ସୁନ୍ଦର ବୋଲି କହିବ । ସତ୍ୟକୁ ଛାଡ଼ି କୌଣସି ସୌନ୍ଦର୍ଯ୍ୟ ସମ୍ଭବ ହେବନାହିଁ । ବରଂ ସତ୍ୟ ହୁଏତ ଏପରି ଅନେକ ରୂପରେ ଆତ୍ମପ୍ରକାଶ କରିପାରିବ, ଯାହାକି ବାହାରୁ ଆଦୌ ସୁନ୍ଦର ହୋଇନଥିବ । କଥିତ ଅଛି ଯେ, ନିଜ ସମୟରେ ସକ୍ରେଟିସ୍ ସମସ୍ତଙ୍କଠାରୁ ଅଧିକ ସତ୍ୟନିଷ୍ଠ ବ୍ୟକ୍ତି ଥିଲେ, ମାତ୍ର ତାଙ୍କ ଶରୀରର ଚେହେରା ଗ୍ରୀସ୍‌ରେ ସବୁଠାରୁ ଅଧିକ କୁତ୍ସିତ ଥିଲା ବୋଲି ଅପବାଦ ମଧ ରହିଛି । ମୁଁ ତାଙ୍କୁ ସୁନ୍ଦର ବୋଲି କହିବି, କାରଣ ନିଜର ସମଗ୍ର ଜୀବନ ସେ ସତ୍ୟର ହିଁ ସନ୍ଧାନ କରୁଥିଲେ ଏବଂ, ତୁମେ ହୁଏତ ଏକଥା ମଧ ସ୍ମରଣ ରଖିପାର ଯେ, ତାଙ୍କର ବାହାରର ଚେହେରାଟି ଫିଡ଼ିଆସ୍‌ଙ୍କୁ ତାଙ୍କ ଭିତରେ ରହିଥିବା ସତ୍ୟର ସୌନ୍ଦର୍ଯ୍ୟକୁ ପ୍ରଶଂସା କରିବାରୁ ଆଦୌ ନିବୃତ୍ତ କରି ନ ଥିଲା । ଜଣେ କଳାକାର ହିସାବରେ ଫିଡ଼ିଆସ୍ ବାହାରର ଆକୃତି ଗୁଡ଼ିକରେ ମଧ ସୌନ୍ଦର୍ଯ୍ୟ ଦେଖିବାରେ ଅଭ୍ୟସ୍ତ ହୋଇ ରହିଥିଲେ ।

ସତ୍ୟ ଓ ଅସତ୍ୟ ଅନେକ ସମୟରେ ପରସ୍ପର ସହିତ ସହାବସ୍ଥାନ କରୁଥାନ୍ତି । ଅନେକ ସମୟରେ ଭଲ ଓ ମନ୍ଦ ଏକତ୍ର ରହିଥିବାର ଦେଖାଯାଏ । ଜଣେ କଳାକାରର ଜୀବନରେ ମଧ ବସ୍ତୁଗୁଡ଼ିକ ବିଷୟରେ ଯଥାର୍ଥ ତଥା ଅଯଥାର୍ଥବୋଧ ଯେ କ୍ୱଚିତ୍ ଦୃଷ୍ଟିଗୋଚର ହୁଏ, ସେକଥା ଆଦୌ ନୁହେଁ । ଯେତେବେଳେ ଯଥାର୍ଥବୋଧଟି ସକ୍ରିୟ ହୋଇ ରହିଥାଏ, ଯଥାର୍ଥରେ ସୁନ୍ଦର ସର୍ଜନଗୁଡ଼ିକ କେବଳ ସେତିକିବେଳେ ସମ୍ଭବ ହୁଅନ୍ତି । ଯଦି ଏହି ମୁହୂର୍ତ୍ତଗୁଡ଼ିକ ଜୀବନରେ ବିରଳ ହୋଇ ରହିଥାନ୍ତି, ତେବେ କଳାରେ ମଧ ସେହିପରି ବିରଳ ଥାଆନ୍ତି ।

ଏହିସବୁ ସୌନ୍ଦର୍ଯ୍ୟରେ (ଏକ ସୂର୍ଯ୍ୟାସ୍ତ ଅଥବା ରାତ୍ରିର ଆକାଶରେ ତାରାମାନଙ୍କ ଭିତରେ ଉଜ୍ଜ୍ୱଳ ହୋଇ ଦିଶୁଥିବା ବଙ୍କା ଜହ୍ନଟିଏ) ସତ୍ୟ ଅବଶ୍ୟ ବିଦ୍ୟମାନ ରହିଛି, କାରଣ ସେଗୁଡ଼ିକୁ ଦେଖୁଥିବା ସମୟରେ ମୋ'ର ସେମାନଙ୍କର ପଛରେ ରହିଥିବା ସୃଷ୍ଟିକର୍ତ୍ତାଙ୍କର କଥା ମନେ ପଡ଼ିଯାଏ । ସୃଷ୍ଟିର କେନ୍ଦ୍ରରେ ଯେଉଁ ସତ୍ୟ ନିହିତ ହୋଇ ରହିଛି, ତାହା ବ୍ୟତୀତ ଏଗୁଡ଼ିକ ଆଉ କିପରି ସୁନ୍ଦର ହୋଇ ପାରିଥାନ୍ତେ । ଏକ ସୂର୍ଯ୍ୟାସ୍ତ ବା ଚନ୍ଦ୍ରର ସୌନ୍ଦର୍ଯ୍ୟକୁ ଦେଖି ମୁଗ୍ଧ ହେଉଥିବା ସମୟରେ ସେହି ପରମ ସୃଷ୍ଟିକର୍ତ୍ତାଙ୍କର ଉପାସନା କରିବା ନିମନ୍ତେ ମୋ'ର ଆତ୍ମା ସମ୍ପ୍ରସାରିତ ହୋଇଯାଏ । ଏହି ଯାବତୀୟ ସୃଜନ ଭିତରେ ମୁଁ ସେହି କର୍ତ୍ତାଙ୍କୁ ଓ ତାଙ୍କର ସକଳ କରୁଣାକୁ ଦେଖିବା ଲାଗି ଚେଷ୍ଟା କରୁଥାଏ । ମାତ୍ର, ତାଙ୍କରି ଭାବନାରେ ମଗ୍ନ ହୋଇ ଯିବାପାଇଁ ମୋତେ ସାହାଯ୍ୟ ନ କରୁଥିଲେ ଏହିସବୁ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟଗୁଡ଼ିକ ମଧ କେବଳ ଗୋଟିଏ ଗୋଟିଏ ପ୍ରତିବନ୍ଧକ ପରି ହୋଇ ରହିଥାନ୍ତେ । ଆତ୍ମାର ସମ୍ପ୍ରସାରିତ ହୋଇଯିବାରେ ଯାହାକିଛି ପ୍ରତିବନ୍ଧକ ପରି କାର୍ଯ୍ୟ କରେ, ତାହା ହେଉଛି ଏକ ଭ୍ରମ, ତାହା ଏକ ଜାଲ ପରି ହିଁ କାର୍ଯ୍ୟ କରେ । ଠିକ୍ ଏହି ଶରୀର ପରି, ଯିଏକି ବିମୋଚନର ପଥରେ ଅନେକ ସମୟରେ ତୁମର ବାଟ ଓଗାଳି ଛିଡ଼ା ହେବାକୁ ଆସେ ।

ତୁମେ ବନସ୍ପତି ଭିତରେ ମଧ କାହିଁକି ରଙ୍ଗର ସୌନ୍ଦର୍ଯ୍ୟକୁ ଦେଖି ନ ପାରିବ ? ନିର୍ମଳ ମେଘମୁକ୍ତ ଆକାଶରେ ମଧ ସୌନ୍ଦର୍ଯ୍ୟ ରହିଛି । ମାତ୍ର, ତୁମେ ତ ଆଖିରେ କେବଳ ଭ୍ରମ ସୃଷ୍ଟି କରୁଥିବା ଇନ୍ଦ୍ରଧନୁର ରଙ୍ଗଗୁଡ଼ିକୁ ଦେଖିବାକୁ ଇଚ୍ଛା କରୁଛ ! ଯାହାକିଛି ସୁନ୍ଦର, ତାହା କୌଣସି କାମରେ ଆସେ ନାହିଁ, ଏବଂ ଯାହାକିଛି କୌଣସି କାମରେ ଲାଗେ, ତାହା କେବେହେଲେ ସୁନ୍ଦର ହୋଇ ପାରିବ ନାହିଁ, ଆମକୁ ସେହିପରି ବିଶ୍ୱାସ କରିବାକୁ ହିଁ ଶିକ୍ଷା ଦିଆଯାଇଛି । ମୁଁ ଦର୍ଶାଇ ଦେବାକୁ ଇଚ୍ଛା କରୁଛି ଯେ, ଯାହା ଆମର କୌଣସି କାମରେ ଲାଗି ପାରୁଛି, ତାହା ମଧ ଅବଶ୍ୟ ସୁନ୍ଦର ହୋଇପାରେ ।

## ଭାରତୀୟ ଧର୍ମଧାରାରେ.....

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସେଇ ଶକ୍ତି ଓ ଶିବ, ସମଗ୍ର ସୃଷ୍ଟିର ସର୍ଜନାକାରଶକ୍ତି ଓ କ୍ରିୟା ଶକ୍ତି । ତେଣୁ ମାତୃଶକ୍ତିର ପୂଜା ପ୍ରଚଳିତ ହେଲା । ଦୁର୍ଗା ସେହି ମାତୃଶକ୍ତିର ପ୍ରତୀକ । ଯେଉଁଠି ସର୍ବକାର, ସୃଷ୍ଟିର, ଦର୍ଶନର, ବିଧ୍ୱଂସ ଓ ବିନାଶ ହେତୁ ହିଂସା ଉପରେ ଅହିଂସାର ବିଜୟ, ଅଧର୍ମ ଉପରେ ଧର୍ମର ବିଜୟ, ସେଠି ମାତୃଶକ୍ତିର ଉପସ୍ଥିତି ଅନିବାର୍ଯ୍ୟ । ମାତୃଶକ୍ତି, ସର୍ବଶ୍ରେଷ୍ଠ ଓ ଶକ୍ତିଶାଳୀ ଶକ୍ତି । ସେ ମଧ ଚଣ୍ଡୀ, ସେ ଅଟ୍ଟଅଟ୍ଟ ହାସିନି, ଘୋର ଘର୍ଘର ନାଦିନା ଭିତୀ ସଞ୍ଚାର କାରିଣୀ, କରାଳ ବଦନା, କାଳୀ, କରାଳ ଭଳି ଆଖି ଓ ସେ ମଧ କଳାବତୀ । ସେ ସମସ୍ତ ପ୍ରେମ ଶାସ୍ତ୍ରର ବିଶାରଦ ପୁଣି ପ୍ରେମର ପ୍ରତୀକ । ସେ ଉଦ୍ରାଣି, ବୈଷ୍ଣବୀ, ଭୀମ ଓ ଭୟଙ୍କର ସେ ପୁଣି ବ୍ରହ୍ମରୁପିଣୀ । ସେ ବୀଜ ମନ୍ତ୍ର ହ୍ରୀଂ, ଶ୍ରୀଂ ଓ ଆଦ୍ୟା, ଜୟା, କର୍କରା, ଜ୍ୟୋଷ୍ଠା, ଜନନୀ, ସୈନ୍ୟ ଜର୍ଜରା ଜରା । ସେ ସମସ୍ତ ଜଗତର ପୂଜାତ । ଜଗନାରା, ଜଗତରେ ସମସ୍ତ ଯୋନିର ଜନ୍ମ ଦାତ୍ରୀ । ସେ ବେଦମାତା ଗାୟତ୍ରୀ, ସେ ମଧ ଦେବମାତା, ସେ ସର୍ବମନ୍ତ୍ରମୟୀ, ବିଦ୍ୟ ଓ ବିଦ୍ୱାନ ପ୍ରିୟା, ଦୁର୍ଗା, ମହାଶକ୍ତି, ମହାଭୂତି, ମନ୍ତ୍ରବିତ୍ୟ ଓ ମହାତ୍ମାତି ଓ ସେ କୌମାରୀ ଶକ୍ତି ନଣ୍ଡା ଓ ମହାବୃକ୍ଷର ବାହିନୀ । ତେଣୁ ଆମ ସମାଜର କୁମାରୀ ପୂଜା ମଧ ପ୍ରଚଳିତ ଅଛି । କନ୍ୟାକୁମାରୀ ଦେବୀ ସର୍ବଜନ ପୂଜିତା । ସେ ଏଇ ତତ୍ତ୍ୱର ପ୍ରତୀକ । ସେ ନାରାୟଣୀ, ନିରତଙ୍କା ନରତାନ୍ତ୍ରିକ ତାରିଣୀ । ଜଗତରେ ମାୟା ବିସ୍ତାର କରିବା ପାଇଁ ଓ ସମଗ୍ର ଜଗତରେ ମାୟାରବିସ୍ତାର ପାଇଁ ଶଙ୍କର୍ଷଣଙ୍କର ଜନ୍ମ ପାଇଁ କୃଷ୍ଣଙ୍କୁ ବନ୍ଦୀ ଗୃହରୁ ନେଇ ନନ୍ଦ ଗୃହକୁ ନେବାପାଇଁ ବଳରାମଙ୍କୁ ନେଇ ରୋହିଣୀ ଗର୍ଭରେ ଥୋଇ, ସର ନିଧନ, ଅତ୍ୟାଚାର ଓ ଦୂରାଚାରର ବିକାଶ ପାଇଁ ଯେଉଁ ମାୟାଜାଲ ବିଛାଇଥିଲେ, ସେ ଦେଇ ମାୟା ମହାମାୟ ଏବଂ ଯୋଗ ମାୟା ! ଶ୍ରୀମନ୍ଦ ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି - ମର୍ତ୍ତେ ହୋଇବୁତୁ ଜାତ, ଜଗତେ ହୋଇବୁ ବିଖ୍ୟାତ । ଲୋକେ କରିବେ ତୋରପୂଜା, ଅନେକ ଦେବେ ବଳୀ ଭୋଜ । ଭକ୍ତକୁ ହୋଇବୁ ପ୍ରସନ୍ନ, ଅନେକ ହେବ ତୋର ନାମ, ଜୟା ବିଜୟା ଭଦ୍ରକାଳୀ ମଙ୍ଗଳା ଚଞ୍ଚଳା କଙ୍କାଳୀ । ଦୁର୍ଗା ଅମ୍ବିକା ନାରାୟଣୀ ଏକୁ ଆରକେ ନଭଣି । ପୂଜା କରିବେ ସର୍ବଜନ ରାଜା ପରଜା ତପସ୍ୱୀ ଜନ । ସ୍ତୁତି ପଠନ ମସ୍ତ ଧ୍ୟାନ, ଷୋଡଶ ଉପଚାର ମାନ ।

ଶ୍ରୀମଦ ଭଗବତ ଦଶମ ସ୍କନ୍ଦ ଗୋପଲୀଳା ଓ ବିଭିନ୍ନ ସ୍କନ୍ଦରେ ଦୁର୍ଗାଙ୍କର ସ୍ତୁତି କରାଯାଇଛି । ଯେଉଁ ଦୁର୍ଗା କୃଷ୍ଣଙ୍କର ମାୟା ଶକ୍ତି ରୂପେ ନନ୍ଦ ଗୃହରେ କରିଥିଲେ, ବିଜୁଳୀ କନ୍ୟାରୂପରେ କଂସାସୁରର ଅନ୍ୟାୟ ଓ ଅତ୍ୟାକାର, ଶିଶୁହତ୍ୟା, ନାରୀ ପ୍ରପିଡକ ଅଧର୍ମର ପ୍ରତୀକ କଂସର ସଂହାର ପାଇଁ ପୂର୍ବ ବ୍ରହ୍ମ ଶ୍ରୀକୃଷ୍ଣଙ୍କୁ ସହାୟତା କରିଥିଲେ । ସେ ମଧ ଅର୍ଜୁନ, ଯୁଦ୍ଧ ଓ ଭୀମକୁ ମହାଭାରତରେ ସହାୟତା କରିଥିଲେ । ରାମାୟଣରେ ରାମକୁ ସହାୟତା କରିଥିବା କଥା ପୂର୍ବରୁ ବର୍ଣ୍ଣନା କରାଯାଇଛି । ସେ ମହିଷାସୁରକୁ ବଧ କରି, ଚଣ୍ଡ ମୁଣ୍ଡ, ଶୁମ୍ଭ ନିଶୁମ୍ଭ, ମଧୁ ଘୋର ରକ୍ତ ବୀର୍ଯ୍ୟ, ଇତ୍ୟାଦି ଅନେକ ଅସୁରୀ ଶକ୍ତିକୁ ସଂହାର କରି, ଅସୁର ଶକ୍ତିର ବିନାଶ କରି ଦେବତା, କର ତଥା ସମଗ୍ର ସୃଷ୍ଟି କଲ୍ୟାଣ କରିଥିଲେ । ଆଜି ମଧ ଏହି ଅସୁରୀ ଶକ୍ତି ପ୍ରବଳ । ଅସୁରୀଶକ୍ତି ବିଭିନ୍ନ ଭାବରେ ଦେଖାଦେଇଛି । ସମଗ୍ର ସଂସାରରେ ଆସୁରୀ ଶକ୍ତି ବ୍ୟାପି ଯାଇଛି । ଆମ ଭିତରେ ମଧ ଏକ ମହିଷାସୁର ପରି ଅସୁରୀ ଶକ୍ତି ତଥାପି ରହିଛି । ତାର ନିଧନ ନହେଲେ ଦେବତ୍ୱ ଓ ମାନସିକତାର ଉଦୟ ହେବ ନାହିଁ । ତେଣୁ ମାଁ ଦୁର୍ଗା ଏଇ ଅସୁରୀ ଶକ୍ତି ମାନଙ୍କର ବିନାଶ କରନ୍ତି । ମନୁଷ୍ୟ ଭିତରର ଆସୁରୀ ପ୍ରକୃତିର ସେ ବିନାଶ କରନ୍ତି ।

ଆଜିର ଦୁର୍ଗା ପୂଜା ଉପଲକ୍ଷେ, ପାର୍ବଣ ଓ ନବରାତ୍ର ଉପଲକ୍ଷେ, ସେଇ ଦୁର୍ଗା ଜଗତ ଜନନୀ ଆଜି ହିଂସା, ସନ୍ତ୍ରାସବାଦୀ । ନକ୍ସଲବାଦ୍, ହତ୍ୟା, ରକ୍ତପାତ, ବନ୍ୟା, ମରୁଡି, ଭୁକମ୍ପ, ସୁନାମି ଆଦି ଦୁର୍ଘଟଣା ପ୍ରପୀଡୀତ, ଅନାହାର ପ୍ରପୀଡ଼ିତ, କଲେରା ଓ ବିଭିନ୍ନ ରୋଗରେ ପ୍ରପୀଡିତ ମନୁଷ୍ୟ ସମାଜକୁ ଓ ସଂସାରକୁ ଉଦ୍ଧାର କରନ୍ତୁ । ଏଇମାତ୍ର ଆଜିର ପ୍ରାର୍ଥନା – ଯାଦେବୀ ସର୍ବଭୂତେଷୁ ସଂସ୍ଥିତ, ନମଃ ତସ୍ୟୈ ନମଃ ତସ୍ୟୈ ନମଃ ତସ୍ୟୈ ନମୋ ନମଃ... ।

# ସ୍ୱର୍ବେଦ

ନଓ୍ୱମ ଅଧ୍ୟାୟ


**ପରମ ପୁରୁଷ ଆଜ୍ଞା ଚଲୈ,**
**ଚାରୋ ଯୁଗ ସଂସାର ।**
**ପ୍ରକଟ ଭେଦ ଉପଦେଶ ହୈ,**
**ଅଜ ସଦ୍‌ଗୁରୁ ତତ ସାର ।।୦୧।।**

ଭାଷ୍ୟ - ପରମ ପୁରୁଙ୍କର ଆଜ୍ଞାରେ ନିତ୍ୟ ଅନାଦି ସଦ୍‌ଗୁରୁ ଚାରି ଯୁଗରେ ପ୍ରକଟ ହୋଇ ବ୍ରହ୍ମବିଦ୍ୟାର ଉପଦେଶ ପ୍ରଦାନ କରନ୍ତି ।

**ଦୂତ ସନ୍ଦେଶୀ ପୁରୁଷ କା,**
**ସଦ୍‌ଗୁରୁ ଦେଓ୍ୱ ହମାର ।**
**ଇଚ୍ଛା ତନ ନିର୍ମିତ ଭୟା, ସହଜ**
**ସ୍ୱରୂପ ସଓ୍ୱାର ।।୦୨।।**

ଭାଷ୍ୟ - ପରମ ପୁରୁଷଙ୍କ ବାର୍ତ୍ତା ବହନକାରୀ, ମୋର ସଦ୍‌ଗୁରୁଦେବ ନିଜ ସହଜ ସ୍ୱରୂପରେ ଇଚ୍ଛାନୁକୂଳ ଶରୀର ନିର୍ମାଣ କରିଥାନ୍ତି ।

**ପ୍ରଳୟ ସୃଷ୍ଟି ମୁକ୍ତି ରହୈ, ସବ**
**ଦିନ ଏକ ସମାନ ।**
**କର୍ମ କୀଚ ମେଁ ନହିଁ ପଡ଼େ,**
**ହଁସନ ମୁକ୍ତି ନିଦାନ ।।୦୩।।**




ଭାଷ୍ୟ - ଆତ୍ମାକୁ ମୁକ୍ତି ପ୍ରଦାନ କରୁଥିବା ଅନାଦି ସଦ୍‌ଗୁରୁଦେବ ପ୍ରଳୟ, ସୃଷ୍ଟି ଏବଂ ମୁକ୍ତିରେ ସର୍ବଦା ସମାନ ରହିଥାନ୍ତି । ସେ କର୍ମ ବନ୍ଧନରେ ପଡ଼ନ୍ତି ନାହିଁ । ସେ ସହଜ ମୁକ୍ତ ଶୁଦ୍ଧ-ବୁଦ୍ଧ ସ୍ୱରୂପ ଅଟନ୍ତି ।

**ଏକ ଗୁରୁ ତିନ ଲୋକ ମେଁ,**
**ପ୍ରକଟ ଗୁପ୍ତ ସଂସାର ।**
**କହିଁ ଅକାଶଓ୍ୱାଣୀ ଭନେଁ, କହିଁ**
**ଆତମ ଉରଧାର ।।୦୪।।**

ଭାଷ୍ୟ - ତିନି ଲୋକରେ ଏକ ଗୁରୁ ହୋଇଥାନ୍ତି ଯିଏ ଗୁପ୍ତ ଭାବରେ ପ୍ରକଟ ହୋଇ ସଂସାରରେ ବିଚରଣ କରନ୍ତି । କେଉଁଠି ଆକାଶବାଣୀ ଦ୍ୱାରା ଅଥବା କେଉଁଠି ଆତ୍ମା ଭିତରେ ନିଜ ଜ୍ଞାନପ୍ରକାଶ ଦେଇ ବ୍ରହ୍ମବିଦ୍ୟାର ସତ୍ ମାର୍ଗରେ ସଦୁପଦେଶ କରିଥାନ୍ତି ।

**ବୃତ୍ତିକଟୂ ଖାରୀ ପ୍ରକଟ, ଝୁଁସୀ**
**ପ୍ରକଟେ ଆୟ ।**
**ୟହ ପ୍ରତ୍ୟକ୍ଷ ପରମାଣ ହୈ,**
**ଚାରୋଁ ଯୁଗ ଜଗ ଆୟ ।।୦୫।।**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ଚାରି ଯୁଗରେ ପ୍ରକଟ ହୋଇ ବ୍ରହ୍ମବିଦ୍ୟା ତତ୍ତ୍ୱ ଜ୍ଞାନର ଉପଦେଶ କରିଥାନ୍ତି । ବୃତ୍ତିକଟୂ ଆଶ୍ରମ, ଖାରୀ ଗ୍ରାମ ତଥା ଝୁଁସୀ, ପ୍ରୟାଗରେ ପ୍ରକଟ ହୋଇଥିବାରୁ ଏହା ପ୍ରତ୍ୟକ୍ଷ ସିଦ୍ଧ ଅଟେ ।

**ହୀମାଲୟ ମମ ଭ୍ରମଣ ମେଁ,**
**ଲୀଲା କେଲି ଦିଖାୟ ।**
**ୟହ ପ୍ରତ୍ୟକ୍ଷ ପରମାଣ ହୈ, ଶ୍ରୁତି**
**ପ୍ରତିପାଦନ ଆୟ ।।୦୬।।**

ଭାଷ୍ୟ - ମୋର ସେହି ସଦ୍‌ଗୁରୁଦେବ ହିମାଳୟର ଭ୍ରମଣ ବେଳେ ନିଜର ଲୀଳା ଆଉ ଖେଳା ଦେଖାଇଛନ୍ତି । ଏହା ତାଙ୍କର ପ୍ରକଟ ହେବାର ପ୍ରତ୍ୟକ୍ଷ ପ୍ରମାଣ ଅଟେ ଓ ଚାରି ବେଦ ମଧ୍ୟ ସଦ୍‌ଗୁରୁଙ୍କର ସଂସାର ଆଗମନକୁ ସମର୍ଥନ କରିଥାନ୍ତି ।

**ମୋହ ନାଶ କର ଜ୍ଞାନ ସେ,**
**ଜଡ଼ ତଜି ଚେତନ ଦେୟ ।**
**ତାପ କ୍ଷୀଣ ସୁଖ ଶାନ୍ତି ହୈ, ଜିଓ୍ୱ**
**ଆପନ କର ଲେୟ ।।୦୭।।**

ଭାଷ୍ୟ - ଗୁରୁଦେବ ନିଜ ଜ୍ଞାନରୁ ସମସ୍ତ ମୋହକୁ ନାଶ କରି, ମାୟାରୁ ମୁକ୍ତି ପ୍ରଦାନ କରି, ଚେତନ ଜ୍ଞାନ ପ୍ରଦାନ କରିଥାନ୍ତି ଏବଂ ତ୍ରିବିଧ ତାପଗୁଡ଼ିକୁ ନାଶ କରି ସୁଖ ଶାନ୍ତି ପ୍ରଦାନ ପୂର୍ବକ ଜୀବନକୁ ନିଜର କରି ନିଅନ୍ତି ।

# ଶକ୍ତି ସ୍ୱରୂପା

ଜୀବ ଜଗତର ଆଧାରଗତ ସତ୍ତା ହେଲେ ବ୍ରହ୍ମ, ସେ ନିତ୍ୟ ସତ୍ତା, ସେ ହିଁ ସୃଷ୍ଟିର ମୂଳସତ୍ତା । ବିଶ୍ୱର ବିଧାନ ତାଙ୍କରି ସ୍ୱରୂପର ବିଧାନ । ପ୍ରତ୍ୟେକ ବସ୍ତୁର ଗଭୀରରେ ବିଦ୍ୟମାନ ତାଙ୍କରି ଋତଛନ୍ଦ । ସଚ୍ଚିଦାନନ୍ଦ ରୂପେ ବିଶ୍ୱରେ ସ୍ୱୟଂ ପ୍ରକାଶିତ ସେ । ତାଙ୍କରି ଆତ୍ମଭୂତା ଚିନ୍ମୟୀ ମହାଶକ୍ତି ସୃଷ୍ଟିରେ କ୍ରିୟାଶୀଳା, କିନ୍ତୁ ଏହା ଅବୋଧ । ପରମା ଚୈତନ୍ୟ ଶାଶ୍ୱତ ଓ ଅସୀମ । ଚେତନାର ଏକ ଅଭିନ୍ନ ପ୍ରବାହ ପ୍ରକାଶ ପାଏ ଶକ୍ତିରେ । ଚେତନାକୁ ଆମେ ଅନୁଭବ କରିବା କଠିନ ହୋଇପାରେ, କିନ୍ତୁ ଶକ୍ତିର ଅନୁଭବ ଆମେ ସମସ୍ତେ କରିପାରୁ । ଚେତନାର ଅନୁରୂପ ହିଁ ଶକ୍ତି । ଅସୀମ ଅନନ୍ତଚେତନାର ଶକ୍ତି ସର୍ବଶକ୍ତିଶାଳୀ, ଅମୋଘ ଓ ସର୍ବକୃତ । ଏହା ନିକଟରେ ଅସମ୍ଭବ ବୋଲି କିଛି ନାହିଁ । ସମସ୍ତ ସାଧନ ଶକ୍ତିର ଅଧୀନ । ପ୍ରକୃତି, ମାୟା, ବିଦ୍ୟା, ଅବିଦ୍ୟା, ସୁଖ, ଦୁଃଖ ଆଦି ସବୁ କିଛି ସେହି ମହାଶକ୍ତିଙ୍କର ପରିପ୍ରକାଶ । ତ୍ରିପୁରା ସିଦ୍ଧାନ୍ତ ଅନୁସାରେ ଶିବ ସଦା ଶକ୍ତି ସହ ମିଳିତ ହୋଇ ରହିଛନ୍ତି । ଶକ୍ତିଯୁକ୍ତ ଶିବ ହିଁ ଈଶ୍ୱର ହୋଇପାରନ୍ତି । ଅନ୍ୟଥା ସେ ସଂପୂର୍ଣ୍ଣ ଚଳନ ଶକ୍ତିରହିତ ହୁଅନ୍ତି । ଏହା ସତ୍ୟ ଯେ, ତତ୍ତ୍ୱାତୀତ ଅବସ୍ଥାରେ ଶିବ ବା ଶକ୍ତି କାହାର ପ୍ରାଧାନ୍ୟ ନ ଥାଏ । ଶିବ ଓ ଶକ୍ତିଙ୍କର ବହିଃମୁଖ ଓ ଅନ୍ତଃମୁଖ ଉଭୟ ଭାବ ସନାତନ । ଶିବ ଶକ୍ତିକୁ ଶୈବମାନେ ପରମ ଶିବ ଓ ଶାକ୍ତମାନେ ପରାଶକ୍ତି ଅଭିହିତ କରିଥାନ୍ତି । ଦେବୀ ପରମେଶ୍ୱରୀ ଯଥାର୍ଥରେ ଚିଦାନନ୍ଦମୟୀ । ପରାଶକ୍ତି ସ୍ୱୟଂ ଚିନ୍ମୟୀ ହେଲେ ହେଁ ବିଶ୍ୱର ଯାବତୀୟ ଶକ୍ତି ତାଙ୍କର ପରିପ୍ରକାଶ । 'ଲଳିତା ସହସ୍ର ନାମ'ରେ ଦେବୀଙ୍କୁ 'ଚିଚ୍ଛକ୍ତିଶ୍ଚେତନାରୂପା ଜଡ଼ଶକ୍ତିର୍ଜଡ଼ାତ୍ମିକା' ଭାବରେ ସ୍ତୁତି କରାଯାଇଛି । ପରାଶକ୍ତି ଇଚ୍ଛା-ଜ୍ଞାନ-କ୍ରିୟା, ଏହି ତ୍ରିବିଧ ଶକ୍ତି ଭାବରେ ସ୍ଫୁରିତ ହୋଇଛନ୍ତି । ଯେହେତୁ ପରାଶକ୍ତି ସୃଷ୍ଟି, ସ୍ଥିତି ଓ ଲୟର ହେତୁ, ଏହି ତ୍ରିବିଧ କାର୍ଯ୍ୟର ଅଧିଷ୍ଠାତା ଦେବତା ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର, ଏହି ତ୍ରିଦେବ ଦେବୀଙ୍କୁ ଆରାଧନା କରିଥାନ୍ତି । ମହାଶକ୍ତିଙ୍କର ଦୁଇଟି ରୂପ ମଧ୍ୟରୁ ଯେଉଁ ଶକ୍ତି ଅବା ମାନସଗୋଚର, ବିଶେଷଣ ହୀନା ଓ ଜ୍ଞାନୀ ଭକ୍ତଗଣଙ୍କ ଦ୍ୱାରା ଜ୍ଞାତ, ତାହା ହିଁ ବୈଷ୍ଣବୀଙ୍କ ପରାଶକ୍ତି । ସର୍ବଭୂତ ମଧ୍ୟରେ ଯେଉଁ ଗୁଣାତ୍ରୟୀ ଶକ୍ତି ବିଦ୍ୟମାନ ତାହାହିଁ ହେଲା ଅପରାଶକ୍ତି । ଶ୍ରୀ ଶ୍ରୀ ସପ୍ତଶତୀ ଚଣ୍ଡୀରେ ପରାଶକ୍ତିର ବର୍ଣ୍ଣନା କରି କୁହାଯାଇଛି 'ଇମ୍ୟୁକ୍ତା ସା ତଦ ଦେବୀ ଗମ୍ଭୀରାନ୍ତଃ ସ୍ଥିତା ଜଗୌ/ ଦୁର୍ଗା ଭଗବତୀ ଭଦ୍ରା ଯୟେଦଂ ଧାର୍ଯ୍ୟତେ ଜଗତ୍ ।

ଅର୍ଥାତ୍, ଦେବୀ ଦୁର୍ଗା ହିଁ ପରମା ପ୍ରକୃତି, ଯିଏକି ଅନନ୍ତ କୋଟି ବ୍ରହ୍ମାଣ୍ଡକୁ ଧାରଣ କରିଛନ୍ତି । ସେଥିପାଇଁ ତାଙ୍କର ନାମ ଜଗଦ୍ଧାତ୍ରୀ । ବୈଦିକ ସଭ୍ୟତାରେ ସର୍ବବ୍ୟାପିନୀ ମହାଶକ୍ତି ଭାବରେ ମା' ଶାରଦାଙ୍କ ମହିମା ଉଦ୍‌ଘୋଷିତ ହୋଇଅଛି ଓ ବୈଦିକ ଋଷିଙ୍କ ଚେତନାରେ ସେ ଅମୃତରୂପା, ସକଳ ବାକ୍ୟାତିତା, ନିର୍ଗୁଣା ଗାୟତ୍ରୀ ମନ୍ତ୍ରସ୍ୱରୂପା ଶ୍ରେଷ୍ଠଶକ୍ତି ତଥା ଆଦିମାତା ସ୍ୱରୂପରେ ପ୍ରତିଭାତ ହୋଇଛନ୍ତି । ସେମାନଙ୍କ ଦୃଷ୍ଟିରେ ଶାରଦା ହିଁ ବ୍ରହ୍ମ ସ୍ୱରୂପା, ଜ୍ଞାନମୟୀ ସାବିତ୍ରୀ । ଏହି ଅଖିଳ ଜଗତର ସୌନ୍ଦର୍ଯ୍ୟ, ପ୍ରାଚୁର୍ଯ୍ୟ, ମାଧୁର୍ଯ୍ୟ, ସତ୍ୟ, ଜ୍ଞାନ, ଧର୍ମ, ପ୍ରେମ, ସ୍ନେହ, ଶ୍ରଦ୍ଧା, କରୁଣା, ଦୟା ସବୁକିଛି ତାଙ୍କର ଶକ୍ତି ଓ ଅଭିବ୍ୟକ୍ତି । ଉପନୀଷଦୀୟ ଚେତନାରେ ମହାଶକ୍ତି ସତ୍ତ୍ୱ, ରଜ ଓ ତମ ଏହି ତ୍ରିବିଧ ଧାରାରେ ପ୍ରକାଶିତ ହୋଇଛନ୍ତି । ସତ୍ତ୍ୱ ଗୁଣରେ ବୈଷ୍ଣବୀ ରୂପେ ଜଗତକୁ ପାଳନ କରନ୍ତି, ରଜ ଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ସ୍ୱରୂପରେ ଏହାକୁ ସଂହାର କରନ୍ତି । ତନ୍ତ୍ରଦର୍ଶନରେ ପରଂବ୍ରହ୍ମଙ୍କର ଦଶ ଅବତାର ସଦୃଶ ପରମାଜନନୀଙ୍କର ଦଶ ଅବତାର କଳ୍ପନା କରାଯାଇ ଦଶମହାବିଦ୍ୟା ନାମରେ ସେମାନଙ୍କୁ ନାମିତ କରାହୋଇଛି । ଏହି ଦଶ ମହାବିଦ୍ୟା ପରମେଶ୍ୱରୀଙ୍କ ମୂର୍ତ୍ତି ଭେଦ ପରି କଳ୍ପନା । ଏମାନେ ହେଲେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳାତ୍ମିକା । ବିଶ୍ୱକୁ କଳନା କରୁଥିବା ହେତୁ ସେ କାଳୀ ଓ ରୂପ କୃଷ୍ଣବର୍ଣ୍ଣା । ସମସ୍ତଙ୍କୁ ବିପଦରୁ ରକ୍ଷା କରୁଥିବା ଦେବୀ ତାରା ଓ ସେ ନୀଳବର୍ଣ୍ଣା । ବିଦ୍ୟାପ୍ରଦାୟିନୀ ହେତୁ ସେ ହିଁ ନୀଳ ସରସ୍ୱତୀ । ସାମ୍ରାଜ୍ୟ ଓ ଐଶ୍ୱର୍ଯ୍ୟ ପ୍ରଦାୟିନୀ ଦେବୀ ଅରୁଣାଙ୍ଗୀ ହେଲେ ମା' ଭୁବନେଶ୍ୱରୀ । ମହାବିଦ୍ୟା ତ୍ରିପୁରସୁନ୍ଦରୀ ବା ଷୋଡ଼ଶୀ ସକଳ ସୌନ୍ଦର୍ଯ୍ୟର ଆଧାର ଓ ଅନୁରାଗର ଦ୍ୟୋତକ । ତାଙ୍କର ବର୍ଣ୍ଣ ଅରୁଣ ହେତୁ ସେ ଅରୁଣା ନାମରେ ପୂଜିତା । ସମସ୍ତ ଭୟରୁ ସନ୍ତାନମାନଙ୍କୁ ରକ୍ଷା କରନ୍ତି ମା' ଭୈରବୀ । ସେ ରକ୍ତବର୍ଣ୍ଣା ଓ ଭୟଙ୍କରୀ । ଦେବୀ ଛିନ୍ନମସ୍ତା ମୃତ୍ୟୁଦାୟିନୀ ହେଲେ ମଧ ମହାମୃତ୍ୟୁ ନିବାରିଣୀ । ସ୍ୱରୂପରେ ସେ ନିଜ କର୍ତ୍ତିତ ମସ୍ତକରୁ ରକ୍ତପାନକାରିଣୀ ଓ ଭୟଙ୍କରୀ । ଦେବୀ ଧୂମାବତୀ ଦାରିଦ୍ର୍ୟ ଓ ବୈଧବ୍ୟ ଦ୍ୱାରା ବିବର୍ଣ୍ଣ । ଧୂମ୍ରବର୍ଣ୍ଣା ହେଲେ ହେଁ ଭକ୍ତମାନଙ୍କର ଦାରିଦ୍ର୍ୟ, ଦୁଃଖ ଓ ମନସ୍ତାପକୁ ନାଶ କରନ୍ତି । ଦେବୀ ବଗଳା ଶତ୍ରୁ ନାଶକାରିଣୀ ଓ ବିଜୟପ୍ରଦାୟିନୀ । ସେ ପୀତବର୍ଣ୍ଣା ଓ ଗମ୍ଭୀରାକୃତି । ଶ୍ୟାମଳାଙ୍ଗୀ ଦେବୀ ମାତଙ୍ଗୀ ଭୋଗପ୍ରଦାୟିନୀ । ଦେବୀ କମଳା ହେଉଛନ୍ତି ସ୍ୱର୍ଣ୍ଣାଭା ଏବଂ ସେ ଧନ, ଐଶ୍ୱର୍ଯ୍ୟ ଓ ସୁଖ ପ୍ରଦାୟିନୀ । ଏହି ଦଶମହାବିଦ୍ୟାରେ ଯେଉଁ ମନ୍ତ୍ର ଓ ଶବ୍ଦ ଦ୍ୱାରା ଦେବୀଙ୍କୁ ପୂଜା କରାଯାଏ ସେ ସମସ୍ତ ଶବ୍ଦ ନିଚୟ ଦେବୀ ସ୍ୱରୂପ । ଦେବୀଙ୍କର ସମସ୍ତ ନାମ ସ୍ୱତନ୍ତ୍ର ଭାବରେ ଶକ୍ତିଯୁକ୍ତ ଓ ମନ୍ତ୍ରତୁଲ୍ୟ । ଦେବୀଙ୍କ ଆରାଧନା ପାଇଁ ଯଥାର୍ଥ ଯୋଗ୍ୟତା ଅନେକ ଜନ୍ମ ଜନ୍ମାନ୍ତରର କୃତ ପୁଣ୍ୟ ବିନା ଦୁର୍ଲଭ ଅଟେ । ପରମେଶ୍ୱରୀଙ୍କ କରୁଣା ଓ ଶକ୍ତିଲାଭରୁ ଆନ୍ତର ଅଜ୍ଞାନ ସ୍ୱାଭାବିକ ଜଡ଼ତା, ଦାରିଦ୍ର୍ୟ ଓ ସାଂସାରିକ ଅନ୍ୟାନ୍ୟ ଭୟ ଦୂର ହୋଇଥାଏ । ଅବିଦ୍ୟାଗ୍ରସ୍ତ ବ୍ୟକ୍ତିର ଅନ୍ତର ଅନ୍ଧକାରକୁ ଦୂର କରିବାରେ ସ୍ୱୟଂ ଭଗବତୀଙ୍କୁ 'ସୂର୍ଯ୍ୟ ଦୀପର ନଗରୀ' ରୂପରେ 'ଶ୍ରୀସୌନ୍ଦର୍ଯ୍ୟ ଲହରୀ'ରେ ବର୍ଣ୍ଣନା କରାଯାଇଛି । ତେଣୁ ଭଗବତୀଙ୍କୁ ହୃଦୟରେ ଧାରଣ କରିଥିବା ବ୍ୟକ୍ତିର ଅଜ୍ଞାନ ଅନ୍ଧକାର ଐକାରିକ ଭାବେ ଧ୍ୱଂସ ପାଇଥାଏ । ଦୈବୀକୃପା ସ୍ୱତନ୍ତ୍ରା ଓ ନିରଙ୍କୁଶା । ଦେବୀଙ୍କର ଶରଣାପନ୍ନ ହେବା କେବଳ ବିଶ୍ୱାସକୁ ନେଇ ନୁହେଁ, ମନର ଅଖଣ୍ଡ ନିର୍ଭରତା, ଦୃଢ଼ସଂକଳ୍ପ ଓ ଆଠରୀ ବିଶ୍ରାନ୍ତିର ନାମାନ୍ତର ସହିତ ବିଭିନ୍ନ ବୀଜମନ୍ତ୍ରମାନଙ୍କର ଜପ, ସ୍ତୋତ୍ରମୟ ମନ୍ତ୍ରର ଆବୃତ୍ତି ମାଧମରେ ଦେବୀଙ୍କର ମହାଜାଗତିକ ଚେତନା ଓ ମହାକୃପା ଲାଭ କରାଯାଇପାରେ । ମନୁଷ୍ୟ ଜ୍ଞାନର ସୀମିତତା, ଅବିଶ୍ୱାସ, ସନ୍ଦେହ, ସଙ୍କୁଚିତ ଦୃଷ୍ଟିଭଙ୍ଗୀ, ବିପର୍ଯ୍ୟସ୍ତ ମୂଲ୍ୟବୋଧ, କାମନା ବାସନାରେ ପ୍ରପୀଡ଼ିତ ମନ ଇତ୍ୟାଦିକୁ ସମ୍ମୁଖୀନ ହେବାପାଇଁ ଆତ୍ମବଳ ଓ ଅପ୍ରତିହତା ଦେବୀ କୃପା ଓ ଶକ୍ତି ଲାଭ ଦ୍ୱାରା ବ୍ୟକ୍ତି ସମସ୍ତ ମାୟାରୁ ମୁକ୍ତ ହୋଇ ପରମାର୍ଥ ଜ୍ଞାନଲାଭ କରିପାରେ ।

# ବହୁ ଉପକାରୀ ଅଁଳା

ଅଁଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏହା କେବଳ ଆମ ଶରୀରର ଇମ୍ୟୁନିଟିକୁ ବଢ଼ାଇ ନ ଥାଏ ବରଂ ସବୁ ରୋଗ ପାଇଁ ମହୌଷଧୀ ତୁଲ୍ୟ କାମ କରିଥାଏ । ଏଥିରେ ପ୍ରଚୁର ପରିମାଣ ପୋଷକ ତତ୍ତ୍ୱ ଯଥା ଭିଟାମିନ୍ ସି, ଭିଟାମିନ୍ ଏ ବି କମ୍ପ୍ଲେକ୍ସ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଆଇରନ୍, କାର୍ବୋହାଇଡ୍ରେଟ, ଫାଇବର ଆଦି ରହିଛି ।

**ମଧୁମେହ ପାଇଁ ରାମବାଣ:** ଅଁଳା ଡାଇବେଟିସ୍ ରୋଗୀଙ୍କ ଚିନ୍ତା ଦୂର କରିଥାଏ । ଅଁଳାରେ ଥିବା କ୍ରୋମିୟମ ତତ୍ତ୍ୱ ଯାହାକି ଇନସୁଲିନ୍ ହର୍ମୋନ୍‌କୁ ମଜଭୁତ କରିବା ଓ ସୁଗାର ଲେବଲକୁ କଣ୍ଟ୍ରୋଲ କରିଥାଏ । ଡାଇବେଟିସ୍ ରୋଗୀ ଅଁଳା ରସରେ ମହୁ ମିଶାଇ ପିଇବା ଫଳରେ ଖୁବ୍ ଫଳ ପ୍ରଦ ହୋଇଥାଏ ।

**ହୃଦୟକୁ ସୁସ୍ଥ ରଖେ:** ଅଁଳାରେ ଗଚ୍ଛିତ ଥିବା କ୍ରୋମିୟମ୍ ବୀଟା ବ୍ଲାକର ପ୍ରଭାବକୁ କମ କରିଥାଏ, ଏହାଦ୍ୱାରା ହୃଦୟ ମଜଭୁତ ଓ ହେଲଦୀ ରହିଥାଏ । ଖାଲି ସେତିକି ନୁହେଁ, ଅଁଳା କୋଲେଷ୍ଟ୍ରଲ କମ୍ କରିବାରେ ସହାୟକ ହୋଇଥାଏ ।

**ଡାଇଜେସନରେ ସହାୟତା:** ଖାଦ୍ୟକୁ ହଜମ କରିବାରେ ଅଁଳା ଖୁବ୍ ସହାୟକ ହୋଇଥାଏ । ଏହାକୁ ଖାଇବା ଫଳରେ କବଜ, ଖଟା ହାକୁଟି ଓ ଗ୍ୟାସ ସମସ୍ୟା ଦୂର



ହୋଇଥାଏ ।

**ଓଜନ କମ୍ କରେ:** ଅଁଳା ଶରୀରର ମେଟାବଲିଜମକୁ ମଜବୁତ କରିବାରେ ସହାୟକ ହୋଇଥାଏ, ଯାହାକୁ ଖାଇବା ଫଳରେ ଓଜନ୍ କମ୍ ହେବାରେ ସହାୟତା ହୋଇଥାଏ ।

**ଅସ୍ଥି ମଜବୁତ:** ଅଁଳାକୁ ଖାଇବା ଫଳରେ ଅସ୍ଥିକୁ ଶକ୍ତି ମିଳିଥାଏ । ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ ରହିଛି । ଅସ୍ଥି ଯନ୍ତ୍ରଣାରୁ ମଧ ମୁକ୍ତି ମିଳିଥାଏ ।

**ଆଖି ପାଇଁ ଗୁଣକାରୀ:** ଅଁଳା ରସ ଆଖି ପାଇଁ ଖୁବ୍ ଗୁଣକାରୀ । ଏହା ଆଖିର ଜ୍ୟୋତିକୁ ବଢ଼ାଇବାରେ ସହାୟକ ହୋଇଥାଏ । ଏହା ମୋତିଆବିନ୍ଦୁକୁ ମଧ ଦୂର କରିଥାଏ ।

## ଟିକିଏ ହସନ୍ତୁ

ରାଜେଶ ସାଙ୍ଗ ଗୋପୀକୁ: ମୋ ସ୍ତ୍ରୀ ବହୁତ ଖର୍ଚ୍ଚି ହେଇଗଲାଣି । କୋଉଦିନ ୧୦୦୦ ଟଙ୍କା ତ କୋଉଦିନ ୨୦୦୦ଟଙ୍କା ମାଗୁଛି ।
ଗୋପୀ: ଆଚ୍ଛା ସେ ଏତେ ଟଙ୍କା ନେଇ କ'ଣ କରୁଛନ୍ତି ?
ରାଜେଶ: କେଜାଣି ? ମୁଁ ତ କେବେ ଦେଇନି ।

× × ×

ମଣ୍ଟୁକୁ ଏକ ପାର୍ଟି ପାଇଁ ନିମନ୍ତ୍ରଣ ପତ୍ର ଆସିଥାଏ । ସେଥିରେ ଲେଖାଥାଏ: 'ଓନ୍‌ଲି ପିଙ୍କ୍ ଟାଇ' ।
ପାର୍ଟିକୁ ଗଲା ପରେ ମଣ୍ଟୁ ଦେଖିଲା ଅନ୍ୟମାନେ ପ୍ୟାଣ୍ଟ ସାର୍ଟ ବି ପିନ୍ଧିଛନ୍ତି ।

× × × × ×

ସ୍ତ୍ରୀ ସ୍ୱାମୀଙ୍କୁ: ତମର ସବୁଦିନିଆ କିଚକିଚ୍‌ରେ ମୁଁ ବିରକ୍ତ ହେଇଗଲିଣି । ମତେ ଛାଡପତ୍ର ଦରକାର ।
ସ୍ୱାମୀ: ଏଇ ନିଅ ଚକୋଲେଟ୍ ।
ସ୍ତ୍ରୀ: ମତେ ଚକୋଲେଟ୍ ଦେଇ ମନେଇବାକୁ ଚାହୁଁଛ ?
ସ୍ୱାମୀ: ନାଁ ପାଗେଳୀ । ସମସ୍ତେ କୁହନ୍ତି କିଛି ଶୁଭ କାମ ଆରମ୍ଭ କରିବା ପୂର୍ବରୁ ମିଠା ଖାଇବା ଭଲ । ସେଥିପାଇଁ...

× × × ×



ଥରେ ହିନ୍ଦି କ୍ଲାସ ଚାଲିଥିଲା । ଶିକ୍ଷକ ପିଲାଙ୍କୁ ପଢ଼ାଉଥିଲେ ଦିଲ୍ଲୀରେ କୁତବମିନାର ଅଛି ।
ସେହି ସମୟରେ ପପୁ ଶୋଇଥିଲା ।
ଶିକ୍ଷକ ତା ପାଖକୁ ଯାଇ ତା କାନ ଧରି ପଚାରିଲେ: ମୁଁ କ'ଣ ପଢ଼ାଉଥିଲି ଏବେ କହିଲୁ ?
ପପୁ: ସାର୍, ଦିଲ୍ଲୀରେ 'କୁତା ବିମାର' ହେ ।

× × × × ×

ପପୁ :ମ୍ୟାମ୍ ମୁଁ ପରୀକ୍ଷାରେ ଫେଲ୍ ହେବାକୁ ଚାହୁଁଛି ।
ମ୍ୟାଡମ୍: କାହିଁକି ?
ପପୁ: ବାପା କହିଛନ୍ତି ଫାଷ୍ଟ ହେଲେ ସାଇନ୍ସ, ସେକେଣ୍ଡ କ୍ଲାସ ପାଇଲେ ଆର୍ଟ୍ସ ଯଦି ଫେଲ ହେବୁ ତେବେ ତୋ ବାହାଘର କରାଇଦେବି ।

× × × × ×

ସ୍ତ୍ରୀ: ମୁଁ ଶ୍ରୀକୃଷ୍ଣଙ୍କୁ ଏତେ ପୂଜା କରୁଛି ହେଲେ ସେ ମୋତେ ଦର୍ଶନ ଦେଉନାହାଁନ୍ତି ।
ସ୍ୱାମୀ: ଥରେ ତୁମେ ମୀରାଙ୍କ ପରି ବିଷ ପିଇ ଦେଖିବ ଭଗବାନ୍ ତୁମକୁ ଦର୍ଶନ ଦେବା ସହ ତାଙ୍କ ସାଥରେ ନେଇକି ଯିବେ ।

# ଟମାଟୋର ଉପକାରିତା

ଟମାଟୋ ଦେଖିବାକୁ ଯେତିକି ସୁନ୍ଦର । ଠିକ୍ ସେତିକି ଭୋଜନର ସ୍ୱାଦ ମଧ୍ୟ ବଢ଼ାଇଥାଏ । ତରକାରୀ ଠାରୁ ଆରମ୍ଭ କରି ସାଲାଡ ପର୍ଯ୍ୟନ୍ତ ଟମାଟୋକୁ ବ୍ୟବହାର କରାଯାଏ । କେବଳ ଟମାଟୋ ଖାଦ୍ୟର ସ୍ୱାଦ ବଢ଼ାଇଥାଏ ତାହା ନୁହେଁ ସ୍ୱାସ୍ଥ୍ୟ ଓ ସୁନ୍ଦରତା ପାଇଁ ମଧ ଏହା ଉପଯୋଗ କରାଯାଏ । ଟମାଟୋରେ ପ୍ରଚୁର ପରିମାଣରେ ଭିଟାମିନ୍ ଥିବାରୁ ଏହା ବହୁ ରୋଗ ପାଇଁ ଫଳପ୍ରଦ ।

**ଭିଟାମିନ୍ ଅଧିକ:** ଟମାଟୋରେ ଭିଟାମିନ୍ ସି, ଲାଇକୋପିନ୍, ଭିଟାମିନ୍, ପୋଟାସିୟମ୍ ପର୍ଯ୍ୟାପ୍ତ ମାତ୍ରାରେ ମିଳିଥାଏ । ଏଥିସହିତ କୋଲେଷ୍ଟ୍ରଲକୁ କମ୍ କରିବାର ତତ୍ତ୍ୱ ମଧ ପର୍ଯ୍ୟାପ୍ତ ପରିମାଣରେ ରହିଛି ।

**ଓଜନ କମ୍ କରେ:** ମୋଟା ଲୋକଙ୍କ ଓଜନ କମ୍ କରିବା ପାଇଁ ଏହା ଖୁବ୍ ଲାଭଦାୟକ । ରାନ୍ଧିବା ପରେ ମଧ ଏଥିରେ ପୋଷକ ତତ୍ତ୍ୱ ଭରି ରହିଥାଏ ।



**କ୍ୟାନସର ସହିତ ଲଢ଼େଇ:** ଲଣ୍ଡନ ୟୁନିଭର୍ସିଟି ଅଧ୍ୟୟନ ଅନୁସାରେ ଟମାଟୋରେ ଲାଇକୋପିନ୍ ନାମକ ପୌଷ୍ଟିକ ତତ୍ତ୍ୱ ରହିଥାଏ, ଯାହାକି ପ୍ରୋଟିନ୍ କ୍ୟାନସରର କୋଷିକାକୁ ନଷ୍ଟ କରି ଦେଇଥାଏ । ଲାଇକୋପିନ୍ ଅନ୍ୟ ବହୁ ପ୍ରକାରର କ୍ୟାନସରକୁ ରୋକିବାରେ ସହାୟକ ହୋଇଥାଏ ।

**ଭୋକ ବଢ଼ାଏ:** ଟମାଟୋ ଖାଇବା ଫଳରେ ରୋଗ ପ୍ରତିରୋଧକ କ୍ଷମତା ମଜଭୁତ ହୋଇଥାଏ । ପେଟ ସଫା ରହିବା ଓ ଭୋକ ବଢ଼ିଥାଏ । ଏହା ବ୍ୟତୀତ ଟମାଟୋ ପାଚନ ଶକ୍ତିକୁ ବଢ଼ାଇଥାଏ ଓ ପେଟ ସମ୍ବନ୍ଧିତ ଅନେକ ସମସ୍ୟା ଦୂର କରିଥାଏ ।

**ସୁସ୍ଥ ତ୍ୱଚା:** ଟମାଟୋ ଖାଇବା ଫଳରେ ତ୍ୱଚା ସୁନ୍ଦର ହୋଇଥାଏ । ଟମାଟୋରେ ଥିବା ଲାଇକୋପିନ୍ ତ୍ୱଚାକୁ ଅତିବାଇଗଣୀ ରଶ୍ମିରୁ ରକ୍ଷାକରିଥାଏ ।

**ଅସ୍ଥି ମଜଭୁତ:** ଟମାଟୋରେ ଥିବା ଭିଟାମିନ୍ କେ' ଓ କ୍ୟାଲସିୟମ ଅସ୍ଥିକୁ ମଜବୁତ କରିଥାଏ ଓ ଅଷ୍ଟିୟୋପୋରୋସିସ୍ ପାଇଁ ଖୁବ୍ ଫଳପ୍ରଦ ।

**କୃମି:** ପିଲାଙ୍କ ପେଟରେ ରହିଥିବା କୃମି ହୋଇଥିଲେ ପ୍ରତିଦିନ ସକାଳୁ ଖାଲିପେଟରେ ପିଲାଙ୍କୁ ଚିମୁଟାଏ ହେଙ୍ଗୁ ସହିତ ଟମାଟୋ ଜୁସ୍ ପିଇବାକୁ ଦେଲେ କୃମି ନଷ୍ଟ ହୋଇ ଯାଇଥାଏ । ଏଥି ସହିତ କଞ୍ଚା ଟମାଟୋକୁ ସୈନ୍ଧବ ଲବଣ ସହିତ ଖାଇଲେ ଉପକାର ହୋଇଥାଏ ।

**ମଧୁମେହ ଲାଗି ହିତକର:** ମଧୁମେହ ରୋଗୀଙ୍କ ପାଇଁ ଟମାଟୋ ଖୁବ୍ ଲାଭଦାୟକ । ଟମାଟୋ ବ୍ଲଡ ସୁଗାରକୁ ନିୟନ୍ତ୍ରିତ ରଖିବାରେ ସହାୟକ ହୋଇଥାଏ । ପ୍ରତିଦିନ ଗୋଟିଏ କାକୁଡି ସହିତ ଗୋଟିଏ ଟମାଟୋ ଖାଇବା ଫଳରେ ମଧୁମେହ ରୋଗୀଙ୍କୁ ଲାଭ ମିଳିଥାଏ ।

**ମାଂସପେଶୀ ଯନ୍ତ୍ରଣା:** ମାଂସପେଶୀ ଯନ୍ତ୍ରଣା ରହିଛି ତେବେ ଟମାଟୋ ନିଶ୍ଚୟ ଖାଆନ୍ତୁ । ଏକ ଗ୍ଲାସ ଟମାଟୋ ରସକୁ ସୁଣ୍ଠି ପକାଇ ଜୁଆଣି ସହିତ ସକାଳ ସନ୍ଧ୍ୟାରେ ପିଅନ୍ତୁ । ମାଂସପେଶୀ ଯନ୍ତ୍ରଣା ଦୂରହେବ ।

ଦୃଷ୍ଟିଶକ୍ତି ବୃଦ୍ଧି କରେ: ଏଥିରେ ଗଚ୍ଛିତ ଥିବା ଭିଟାମିନ୍ କ, ଆଖି ପାଇଁ ଫଳପ୍ରଦ । ଏହା ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

# ଅନିଦ୍ରା ସମସ୍ୟା ବଢ଼ାଏ ଚା'

ଚା ପିଇବା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଥାଏ । ଅନ୍ୟପକ୍ଷରେ କ୍ଲାନ୍ତ ତଥା ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲକା କରେ ଚା' । ହେଲେ ଏହାର ପରିମାଣ ଅଧିକ ହୋଇଗଲେ ତାହା ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା ସୃଷ୍ଟି କରିଥାଏ । ବିଶେଷକରି ଏହା ଅନିଦ୍ରା ପରି ସମସ୍ୟାକୁ ବଢ଼ାଇ ଦେଇଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି । ଚା' ପିଇବାକୁ ଅଭ୍ୟାସରେ ପରିଣତ କରିଥିବା କେତେକ ବ୍ୟକ୍ତିଙ୍କର କି କି ଶାରୀରିକ ସମସ୍ୟା ରହୁଛି ତାହାକୁ ତର୍ଜମା କରାଯାଇଥିଲା । ବିଶେଷ ଭାବରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କ ଠାରେ ଅନିଦ୍ରା ଜନିତ ସମସ୍ୟା ଦେଖିବାକୁ ମିଳିଥିଲା । କେବଳ ସେତିକି ନୁହେଁ, ଆବଶ୍ୟକତା ଠାରୁ ଅଧିକ ଥର ଚା' ପିଇଲେ ବହୁମୂତ୍ର ପରି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି । ଏପରି ସମସ୍ୟା ଦେଖାଯାଇ ପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି ।



## ଆପଣ ଜାଣନ୍ତି କି ?

- ସମଗ୍ର ବିଶ୍ୱରେ ପ୍ରାୟ ୨୦୦ ପ୍ରଜାତିର ପେଚା ଦେଖିବାକୁ ମିଳନ୍ତି ।
- ପେଚାମାନେ ରାତିସାରା ସଜାଗ ଥାଆନ୍ତି ।
- ପେଚା ଏକତ୍ରିତ ହେଲେ ଏହାକୁ 'ପାର୍ଲାମେଣ୍ଟ' କୁହାଯାଏ ।
- ଅଧିକାଂଶ ପେଚା ଝିଣ୍ଟିକା, ସ୍ତନ୍ୟପାୟୀ ପ୍ରାଣୀ ଏବଂ ଅନ୍ୟାନ୍ୟ ପକ୍ଷୀମାନଙ୍କୁ ଶିକାର କରିଥାନ୍ତି ।



- କିଛି ପ୍ରଜାତିର ପେଚା ମାଛ ଶିକାର କରିଥାନ୍ତି ।
- ପେଚାମାନଙ୍କର ପଞ୍ଝା ବେଶ୍ ଶକ୍ତିଶାଳୀ । ଏହାଦ୍ୱାରା ସେ ଶିକାରକୁ ଅକ୍ଳେଶରେ ଧରିବାରେ ସକ୍ଷମ ହୋଇଥାଏ ।
- ପେଚାମାନେ ସେମାନଙ୍କ ମୁଣ୍ଡକୁ ୨୭୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇପାରନ୍ତି ।
- ପେଚାମାନେ ସେମାନଙ୍କ ଆଖିଦ୍ୱାରା କୌଣସି ଜିନିଷକୁ ଭଲଭାବେ ଦେଖିପାରନ୍ତି ନାହିଁ ।
- ଅନ୍ୟପକ୍ଷୀମାନଙ୍କ ତୁଳନାରେ ପେଚା ଖୁବ୍ କ୍ଷିପ୍ର ବେଗରେ ଉଡିପାରେ ।
- ପେଚା ତାର ପରର ରଙ୍ଗ ଯୋଗୁ ସେ ଯେ କୌଣସି ପରିବେଶ ସହ ଖାପ୍ ଖୁଆଇ ଚଳିପାରେ ।
- ହାର୍ଟ ସେପ୍ ପରି ମୁହଁ ଥିବା ପେଚାମାନେ ଖମାରରେ ରହିଥାନ୍ତି ।

# ଲିଭରକୁ ସୁସ୍ଥ ରଖିବା ଲାଗି କ'ଣ ଖାଇବେ ?

ଏମିତି କିଛି ଫୁଡ ରହିଛି ଯାହା ଲିଭରରେ ଜମି ରହିଥିବା ଟକ୍ସିନ୍ସକୁ ସଫାକରି ଲିଭରକୁ ହେଲ୍‌ଦୀ ରଖିବାରେ ହେଲ୍ପଫୁଲ ହୋଇଥାଏ । ତେଣୁ ଏହାକୁ ପ୍ରତ୍ୟେକ ଦିନ ଡାଏଟରେ ସାମିଲ କରନ୍ତୁ । ରସୁଣରେ ଥିବା ସେଲେନିୟମ୍ ଲିଭରରୁ ହାନିକାରକ ଟକ୍ସିନ୍ସକୁ କ୍ଲିନ୍ କରିବାରେ ହେଲ୍ପଫୁଲ୍ ରହିଥାଏ । ଡାଲଚିନିରେ ରହିଛି ଗ୍ଲୁକୋଜ ଏବଂ ଫ୍ରୁକ୍ଟୋଜ, ଯାହା ଲିଭରକୁ ହେଲ୍‌ଦୀ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।



ବିଟ୍‌ରେ ରହିଛି ବିଟା କ୍ୟାରୋଟିନ୍, ଯାହା ଲିଭରକୁ ହେଲ୍‌ଦୀ ରଖିବାରେ ସାହାଯ୍ୟ କରିଥାଏ ।

ହେଲ୍‌ଦୀ ଲିଭର ପାଇଁ ଲେମ୍ବୁ ନିହାତି ଅପରିହାର୍ଯ୍ୟ । କାରଣ ଏଥିରେ ରହିଥିବା ସାଇଟ୍ରିକ୍ ଏସିଡ୍ ଲିଭର ପାଇଁ ବହୁତ ଭଲ । ଅଖରୋଟରେ ରହିଛି ଓମେଗା ୩ ଫ୍ୟାଟି ଏସିଡ୍, ଯାହା ଡିଟକ୍ସିଫିକେସନରେ ସାହାଯ୍ୟ କରି ଲିଭରକୁ କ୍ଲିନ୍ ରଖିଥାଏ । ଅଦାରେ ରହିଛି ଆଣ୍ଟି ଇନଫ୍ଲାମେଟାରୀ ଏବଂ ଆଣ୍ଟି ମାଇକ୍ରୋଭିଲ ଗୁଣ, ଯାହା ଲିଭର ଯଦି ଫୁଲି ଯାଇଥାଏ ତ ତାକୁ ଠିକ୍ କରିଥାଏ । ହଳଦୀରେ ଥାଏ କରକ୍ୟୁମିନ୍, ଯାହା ଲିଭର ଫଙ୍କସନକୁ ଠିକଠାକ୍ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ସେଓ ଖାଆନ୍ତୁ ଏଥିରେ ଥିବା ଫ୍ଲେବୋନଏଡ୍ସ ଲିଭର ଟକ୍ସିନ୍ସକୁ ଦୂରକରି ଲିଭରକୁ କ୍ଲିନ୍ କରିଥାଏ । ପତ୍ରକୋବିରେ ରହିଛି ସଲ୍ଫର, ଯାହା ଲିଭର ଟକ୍ସିନ୍ସକୁ ଦୂରକରି ଲିଭରକୁ କ୍ଲିନ୍ କରିବା ସହିତ ହେଲ୍‌ଦୀ ରଖିଥାଏ ।

# ଡାଇବେଟିସ୍ ଲାଗି ରାମବାଣ ଡାଲଚିନି

ପରିବର୍ତ୍ତିତ ଜୀବନ ଶୈଳୀ ଓ ଖରାପ ଖାଦ୍ୟପେୟ ଯୋଗୁଁ ଆଜି ମଣିଷ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ଡାଇବେଟିସର ରାଜଧାନୀ ଭାବେ ପରିଚିତ ଭାରତର ପ୍ରତ୍ୟେକଙ୍କ ରୋଷେଇ ଘରେ ମସଲା ଭାବେ ବ୍ୟବହୃତ ହେଉଥିବା ଡାଲଚିନି । ଯଦି ପାରୁଛନ୍ତି ଡାକ୍ତରଙ୍କ ପରାମର୍ଶ ନେଇ ଏହାକୁ ଖାଇ ପାରନ୍ତି । ଆୟୁର୍ବେଦିକ ଚିକିତ୍ସକଙ୍କ ମତରେ ଡାଲଚିନିକୁ ନିୟମିତ ଭାବରେ ଖାଇବା ଫଳରେ ବ୍ଲଡ ସୁଗାର ଲେବଲ କେବଳ କମ ହୋଇଥାଏ ତାହା ନୁହେଁ, ହୃଦରୋଗର ଭୟ ମଧ କମ୍ କରିଥାଏ ।



**ଔଷଧୀୟ ଗୁଣ:** ଡାଲଚିନିରେ ପ୍ରଚୁର ପରିମାଣରେ ଔଷଧୀୟ ଗୁଣ ଭରି ରହିଛି । ଏଥିରେ କ୍ୟାଲସିୟମ୍, ଫାଇବରର ଉତ୍ତମ ସ୍ରୋତ ରହିଥିବା ହେତୁ ବ୍ଲଡ ସୁଗାରକୁ କମ୍‌କରିବାରେ ସହାୟକ ହୋଇଥାଏ । ଏଥି ସହିତ ଔଷଧ ଜନିତ ସଂକ୍ରମଣକୁ ମଧ ଦୂର କରିବାରେ ଡାଲଚିନି ସହାୟକ ହୋଇଥାଏ ।

**ଉପଚାର:** ସୁଗାର ଲେବଲକୁ କଣ୍ଟ୍ରୋଲ କରିବା ପାଇଁ ଡାଲଚିନିକୁ ଉଚିତ ମାତ୍ରାରେ ବ୍ୟବହାର କରିବା ଉଚିତ । ସଠିକ ପ୍ରଣାଳୀ ଓ କିଛି ସାବଧାନତା ଅବଲମ୍ବନ କଲେ ମଧୁମେହରୁ ମୁକ୍ତି ମିଳିପାରିବ । କପେ ପାଣିରେ ଡାଲଚିନି ପାଉଡର (୩ ଗ୍ରାମ)କୁ ପକାଇ ଗରମ କରନ୍ତୁ ପରେ ଏହି ପାଣିକୁ ଛାଣି ପ୍ରତିଦିନ ସକାଳୁ ସେବନ କରନ୍ତୁ । ଆପଣ ଚାହିଁଲେ ଚା' କଫିରେ ଚିମୁଟାଏ ଡାଲଚିନି ପାଉଡର ପକାଇ ପିଇ ପାରିବେ । ଏହାକୁ ଦିନରେ ତିନି ଥର କରିବା ଉଚିତ୍ ।

**ସାବଧାନ:** ଡାଲଚିନିକୁ ଅଧିକ ଖାଇବା ଉଚିତ ନୁହେଁ । ମଧୁମେହ ରୋଗୀ କେତେ ପରିମାଣରେ ଡାଲଚିନି ଖାଇବେ ଖାଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନିର୍ଣ୍ଣୟ ନେବା ଜରୁରୀ ।

# କହିପାରିବେ କି ?

(୧) ଜୀବଜଗତ ପ୍ରଥମେ କେଉଁଠି ସୃଷ୍ଟି ହେଲା ?
(୨) ବାୟୁରେ କେତେ ଭାଗ ଜଳୀୟ ବାଷ୍ପ ଥାଏ ?
(୩) ପୃଥିବୀର କେଉଁ ଶକ୍ତି ଆମକୁ ଧରି ରଖିଛି ?
(୪) ଏକ ଡିଗ୍ରୀ ଅକ୍ଷାଂଶ କେତେ କି.ମି ?
(୫) ଭାରତର କେଉଁ ରାଜ୍ୟରେ ଚା' ଉତ୍ପାଦନ ହୁଏ ?
(୬) ଶକୁନ୍ତଳା ନାଟକର ରଚୟିତା କିଏ ?
(୭) ବିଶ୍ୱର ସବୁଠାରୁ ବଡ଼ ମହାଦ୍ୱୀପର ନାଁ କ'ଣ ?
(୮) କେଉଁ ସହର ମଧ୍ୟ ପ୍ରଦେଶର ରାଜଧାନୀ ?
(୯) ଭାରତର ସବୁଠାରୁ ଶିକ୍ଷିତ ରାଜ୍ୟର ନାଁ କ'ଣ ?
(୧୦) ଭାରତର ସର୍ବୋଚ୍ଚ ପୁରସ୍କାର କ'ଣ ?

## JUMBLE WORDS

| | | | |
|---|---|---|---|
| 1) THEAGR | = | 6) CRUACE | = |
| 2) MISEIL | = | 7) HRIST | = |
| 3) SSLHO | = | 8) FATRG | = |
| 4) NUYGO | = | 9) TPADUE | = |
| 5) LEDYIE | = | 10) FONSET | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଅବୁଲ ଫାଜଲ, ୨.ଜବାହରଲାଲ୍ ନେହେରୁ, ୩. ୱିଲିୟମ୍ ସେକ୍ସପିଅର, ୪.ମୁନସି ପ୍ରେମଚାନ୍ଦ,୫.ରବିନ୍ଦ୍ରନାଥ ଟାଗୋର, ୬. ତସଲିମା ନସରିନ୍, ୭.କାଳିଦାସ, ୮.ବିଷ୍ଣୁ ଶର୍ମା, ୯.ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ, ୧୦.ତୁଳସୀ ଦାସ ।

***Jumble Words*** **ର ଉତ୍ତର :-**

(1) LINER (2) WALTZ (3) MADDER (4) SERMON (5) DITTY
(6) FAINT (7) BATTEN (8) PEPPER (9) HUNCH (10) DINKY

# ଏବିଭିପି ନୂତନ ନଗର କାର୍ଯ୍ୟକାରିଣୀ ଘୋଷିତ

ସମ୍ବଲପୁର: ଅଖିଳ ବିଦ୍ୟାର୍ଥୀ ପରିଷଦ ସମ୍ବଲପୁରର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଂଯୋଜକ (ପଶ୍ଚିମ) ଡାକ୍ତର ରାଜ କୁମାର ବଡପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଷ୍ଟ୍ର ଗଠନରେ ବିଦ୍ୟାର୍ଥୀ ମାନଙ୍କର ଭୂମିକା ଉପରେ କହିଥିଲେ । ମୁଖ୍ୟବକ୍ତା ଏବିଭିପିର ପ୍ରାନ୍ତ ସହ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାର ପଣ୍ଡା ପରିଷଦର ଲକ୍ଷ୍ୟ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ରାଜ୍ୟ ସହ ସମ୍ପାଦକ ଶ୍ୱେତାଂଶୁ ଶେଖର ବରାଇ ଏବିଭିପିର ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । ଏହା ପରେ ଏବିଭିପିର ନଗରର ଆଗାମୀ ବର୍ଷ ପାଇଁ ନୂତନ କାର୍ଯ୍ୟକାରିଣୀ ଘୋଷଣା କରାଯାଇଥିଲା । ନଗର ସଭାପତି ରୂପେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଡକ୍ଟର ସନ୍ତୋଷ ମଲ୍ଲିକ, ଉପସଭାପତି ଆନନ୍ଦ ପତି, ବିଶ୍ୱଜିତ ମହାନ୍ତି, ନଗର ସମ୍ପାଦକ ନଗେନ ରାଉତ, ସହସମ୍ପାଦକ ମେଘା ଦେବନାଥ, ବିନୋଦ ନାଏକ, ଆଞ୍ଚଳ ନାଏକ, ସିପନ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ କାହ୍ନୁ ଦଳାଇ, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜିକା ପରିଚିତା ସାହୁ, ଖେଳ ସଂଯୋଜକ ଶିବୁ ଓ୍ୱାଇଁ, ଏସଏଫଏସ ପ୍ରମୁଖ ସୁରଜ ପଧାନ, ଏସଏଫଡି ପ୍ରମୁଖ ନୋନାଲି ଗୁଲଜାର, ଛାତ୍ରୀ ପ୍ରମୁଖ ପ୍ରାଚୀ ନାୟକ, ଛାତ୍ରୀ ସହ ପ୍ରମୁଖ ପୂଜା ଯାଦବ, ଗଣ ମାଧ୍ୟମ ସଂଯୋଜକ ନିତେଶ ପାଣିଗ୍ରାହୀ, ସହ ଗଣମାଧ୍ୟମ ସଂଯୋଜକ ଉଦୟରାଜ ପୁରୋହିତ, ସାମାଜିକ ଗଣମାଧ୍ୟମ ସଂଯୋଜକ ବିଶ୍ୱଜିତ ବେହେରା, ନଗର କାର୍ଯ୍ୟକାରିଣୀ ସଦସ୍ୟ କରନ ବିଶ୍ୱାଳ, ରୂପେଶ ସାଠୁଅ, ହରିଓ ହାତୀ, ଆଦର୍ଶ ପାଣିଗ୍ରାହୀଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲା ସଂଯୋଜକ ପ୍ରତିଶି କରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମକୁ ଅମନ ପ୍ରତୀକ ଦାସ ସଂଯୋଜନା କରିଥିଲେ । ଶେଷରେ ଯଶବଦ୍ଧନ ତିଓ୍ୱାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ଥାୟୀ ପଟ୍ଟା ଦାବିରେ ବୁର୍ଲା ବନ୍ଦ

ସମ୍ବଲପୁର: ହୀରାକୁଦ ନଦୀବନ୍ଧ ପ୍ରତିଷ୍ଠା ପୂର୍ବରୁ ଥିବା ବୁର୍ଲା ଗ୍ରାମ ଓ ଶିକ୍ଷା ନଗରୀ ବୁର୍ଲାର ସ୍ଥାୟୀ ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଓ ଅବିଚାରିତ ଉଚ୍ଛେଦ ବନ୍ଦ ଦାବିରେ ଗତ ୧୩ ତାରିଖ ଦିନ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ବୁର୍ଲା ନାଗରିକ କମିଟିର ଆହ୍ୱାନରେ ବନ୍ଦ ପାଳନ କରାଯାଇଥିଲା । ଏହି ବନ୍ଦ ଫଳରେ ଦୋକାନ ବଜାର, ଯାନବାହନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିଥିଲା । ଆନ୍ଦୋଳନକାରୀ ମାନେ ବାଇକ ର୍ୟାଲି କରିବା ସହ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ । ଏପରିକି ଛକ ସ୍ଥାନମାନଙ୍କରେ ରାସ୍ତା ଅବରୋଧ କରାଯାଇଥିଲା । ଦଳମତ ନିର୍ବିଶେଷରେ ଜନସାଧାରଣ, ବ୍ୟବସାୟୀ ବନ୍ଦରେ ସାମିଲ ହୋଇଥିଲେ ।

# ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରା

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ବିଜୁ ଜନତା ଦଳ ତରଫରୁ ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ପଦଯାତ୍ରାରେ ବହୁ ସଂଖ୍ୟକ କର୍ମୀ ଓ ସମର୍ଥକଙ୍କ ସହିତ ସାମିଲ ହୋଇଥିଲେ । ଗୁନିପଡ଼ାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବୀରମହାରାଜପୁର ମୁଖ୍ୟ ଛକ ଦେଇ ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଲା ପରେ ଗାଡ଼ି ଚାଳକ ସଂଘ ତରଫରୁ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା । ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଧାୟକ ଯୋଗ ଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଭାଷଣ ଦେଇଥିଲେ । ପରେ ଚମ୍ପାମାଲ ପଞ୍ଚାୟତର ଚମ୍ପାପୁର, ବାଗବର ପରେ ଜଟେସିଂହ ପଦଯାତ୍ରା ପହଞ୍ଚିବ ପରେ ସେଠାରେ ଏକ ସାଧାରଣ ସଭା ହୋଇଥିଲା । ପରେ ସୁବଳୟା ରେ ସମସ୍ତ କର୍ମୀ ଓ ପ୍ରତିନିଧିମାନେ ବିଧାୟକଙ୍କ ସହିତ ପଦଯାତ୍ରା କରିଥିଲେ । ଶେଷରେ ଟିକିରାପଡ଼ାରେ ପଦଯାତ୍ରା ପରେ ଏକ ସାଧାରଣ ସଭା ହୋଇଥିଲା । ବିଭିନ୍ନ ସ୍ଥାନରେ ଲୋକେ ବିଧାୟକ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପଦ୍ମିନୀ ବଘାର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲ୍ଲା ବିଜେଡି ଉପସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ ଓ କିଶୋର ହୋତାଙ୍କ ସହିତ ବୀରମହାରାଜପୁର ଜୋନ-୨ ଜିଲ୍ଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତୋ, ଉଲୁଣ୍ଡା ଜିଲ୍ଲାପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ବିନିକା ଜିଲ୍ଲା ପରିଷଦ ସଭ୍ୟ ବଶିଷ୍ଠ ଭରାସାଗର, ବିନିକା ଏନଏସି ଅଧ୍ୟକ୍ଷ ସୁବାସ ଭୋଇ, ବିନିକା ନଗର ବିଜେଡି ସଭାପତି ସୋମନାଥ ମିଶ୍ର, ଜିଲ୍ଲା ବିଜେଡି ଡିଜିଟାଲ ମିଡିଆ ସଭାପତି ବିହାରୀଲାଲ ମିଶ୍ର ସାମିଲ ଥିଲେ ।

# ନଭେମ୍ବରରେ ପଶ୍ଚିମ ଓଡ଼ିଶା ଗୋପାଳ ସମ୍ମିଳନୀ

ସମ୍ବଲପୁର: ଆସନ୍ତା ନଭେମ୍ବର ୧୮ ଏବଂ ୧୯ ତାରିଖ ଦିନ ଦୁଇଦିନ ବ୍ୟାପି ସମ୍ବଲପୁର ପିଏଚଡି ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ପଶ୍ଚିମଓଡ଼ିଶା ଗୋପାଳ ସମ୍ମିଳନୀ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ଅଫିସଠାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମ୍ମିଳନୀ ପଶ୍ଚିମଓଡ଼ିଶାର ୧୦ ଗୋଟି ଜିଲ୍ଲାର କୃଷକମାନେ ଯୋଗଦେବେ । ସମ୍ମିଳନୀରେ କୃଷକମାନଙ୍କୁ ବିଭିନ୍ନ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ଦିଆଯିବ । ଏଥିପାଇଁ ବିଭିନ୍ନ ପ୍ରକାର ଷ୍ଟଲ ମଧ ରହିବ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାମୁଲର ଜେନେରାଲ ମ୍ୟାନେଜର ଡକ୍ଟର ସରୋଜ କୁମାର ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସଦର ଉପଜିଲ୍ଲାପାଳ ପ୍ରଭାସ ଡ଼ନସେନା, ତହସିଲଦାର ଲକ୍ଷ୍ମଣ ଅମାତ, ମାନେଶ୍ୱର ବିଡ଼ିଓ ସ୍ମରଣିକା ତୁଳ, ଧନକଉଡା ବିଡ଼ିଓ ସଞ୍ଜୀବ ପଟେଲ, ଜିଲ୍ଲା ମଙ୍ଗଳଅଧିକାରୀ ଭାଗିରଥୀ ପଟେଲ, ଓରମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତା, ଡିପିଏମ ଓ ଏଲଏମ ଡ. ପୁଷ୍ପଶ୍ରୀ ନାୟକ, ଡିଏସପି ପ୍ରଦୀପ କୁମାର ଦାସ, ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ମୁରଲୀଧର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ସଦର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ, 'ପରିବହନ ବିଭାଗରୁ ଆସିଥିବା ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ସୁବର୍ଣ୍ଣପୁର: ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ତାଲିମ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାସ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଏଫଡବ୍ଲୁ) ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଡିସି) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସଂଯୋଜକ ବିଶ୍ୱମ୍ବର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ପରିଚାଳିତ ହୋଇଥିଲା । ଏହି ସଭାରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଡିଏମଏଚପି ସୁପରଭାଇଜର ଅନୁପରଞ୍ଜନ ଦାସ, ରେଆର ପ୍ରତିନିଧି ମନୋଜ କୁମାର ସ୍ୱାଇଁ, ସି.ପି ଟୀକରାମ ପଟେଲ ଏବଂ ପି.ଏସ୍ ଡବ୍ଲୁ ଶିବକର୍ମୀ ସହଯୋଗ କରିଥିଲେ । ଏହି ଅବସରରେ ଏକ ରାଲି ସହର ପରିକ୍ରମା କରିଥିଲା । ଶେଷରେ ସହ ପରିଚାଳକ ଅଣ ସଂକ୍ରାମକ ରୋଗ ଗୀତାଞ୍ଜଳି ମେହେର ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ

ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ସଭା ଗୃହଠାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବରିଷ୍ଠ କନ୍ସଲଟାଣ୍ଟ ଅପଥାମୋଲୋଜୀ ଡାକ୍ତର ସଞ୍ଜିବ କୁମାର କର, ମେଡିକାଲ ଅଧିକ୍ଷକ ମହାନଦୀ ନେତ୍ର ଚିକିତ୍ସାଳୟ ଡାକ୍ତର ଦେବେନ୍ଦ୍ର କୁମାର ସାହୁ, ଏଡମିନିଷ୍ଟ୍ରାଟର ବିଭୁ ପ୍ରସାଦ ବଳିୟାର ସିଂ, ପବ୍ଲିକ ରିଲେସନ୍ ଅଫିସର୍ ଜି. ଗୋପାଳ ଓ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଜିଏମୟୁରେ ମାନସିଂହ କବିତା ସନ୍ଧ୍ୟା

ସମ୍ବଲପୁର : କବି ମାୟାଧର ମାନସିଂହଙ୍କ ୫୦ତମ ପୂଣ୍ୟତିଥି ଉପଲକ୍ଷେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଏନ୍ ନାଗାରାଜୁ, କୁଳସଚିବ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ, ପ୍ରଫେସର ପ୍ରଦୀପ କୁମାର ପଣ୍ଡା, ଡ଼କ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଅଧ୍ୟାପକ ରଞ୍ଜନ ସେଠୀ, ଗ୍ରନ୍ଥାଗାରିକା ଶ୍ରୀମତୀ ପୁଷ୍ପାଙ୍ଗିନୀ ମହାନ୍ତି ପ୍ରମୁଖ ମାନସିଂହ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସମାରୋହର ଶୁଭାରମ୍ଭ କରିଥିଲେ । ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସଂଯୋଜନାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର, ପ୍ରଫେସର ଗିରିବାଳା ମହାନ୍ତି, ପ୍ରଫେସର କୈଳାଶ ପଟ୍ଟନାୟକ, ଡକ୍ଟର ଗୋପୀନାଥ ବାଗ, ଅଶୋକ କୁମାର ଦାଶ, ସ୍ୱର୍ଣ୍ଣମୟୀ ଦାଶ, ଯୁଗଳେଶ୍ୱରୀ ଦାଶ, ସରୋଜ ମହାନ୍ତି, ଦୁର୍ଗାପ୍ରସାଦ ପଣ୍ଡା ଓ ଛାତ୍ରଛାତ୍ରୀମାନେ କବିତା ଆବୃତ୍ତି କରିଥିଲେ । ଶେଷରେ ଡକ୍ଟର ପ୍ରଦୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ସୋନପୁରରେ ସଡ଼କ ସୁରକ୍ଷା କମିଟି ବୈଠକ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ସଡକ ସୁରକ୍ଷା ସମିତିର ମାସିକ ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ରାୟ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାର ଦୁର୍ଘଟଣାଜନିତ ମୃତ୍ୟୁ ହାରକୁ ହ୍ରାସ କରିବା ନିମନ୍ତେ ସଚେତନ ହୋଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଏନଏଚ ୫୭ରେ ଅବସ୍ଥିତ ଘାଟ କଇଁତରା ପୋଲର ଉଭୟ ପାର୍ଶ୍ୱରେ ଅତ୍ୟଧିକ ଗର୍ତ୍ତ ହୋଇଥିବା ରାସ୍ତାକୁ ତୁରନ୍ତ ମରାମତି ପାଇଁ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ବଲାଙ୍ଗୀରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସ୍କୁଲ ଓ କଲେଜର ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟ ଫାଟକକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଗଠିତ ଜିଲ୍ଲାସ୍ତରୀୟ କମିଟିକୁ ଅନୁମୋଦନ କରିଥିଲେ । ଜିଲ୍ଲାରେ ହାତୀମାନଙ୍କ ଗନ୍ତବ୍ୟ ସ୍ଥଳ ଯେପରି ସୁରକ୍ଷିତ ହୋଇ ରହିବ ଓ ସେଠାରେ ଜନସାଧାରଣଙ୍କ ଦୃଷ୍ଟି ଗୋଚର ହେଲା ଭଳି ସୂଚନା ଫଳକମାନ ଲଗେଇବା ପାଇଁ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଦ୍ୟପାନ କରି ଗାଡି ନ ଚଲେଇବା ପାଇଁ ପରିବହନ ବିଭାଗ ଓ ପୋଲିସ ବିଭାଗର ଅଧିକାରୀଙ୍କୁ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଓ ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ଅଧିକାରୀ ତଥା କମିଟି ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ମୁମ୍ବାଇରେ ନୂଆଁଖାଇ ଭେଟ୍‌ଘାଟ

ସମ୍ବଲପୁର : ମୁମ୍ବାଇର ପଶ୍ଚିମ ଓଡ଼ିଶା ପରିବାର ତରଫରୁ ବୀର ସାବରକର ଭବନରେ 'ନୂଆଁଖାଇ ଭେଟ୍‌ଘାଟ୍' ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁମ୍ବାଇ ସ୍ଥିତ ଆୟକର ବିଭାଗର ମୁଖ୍ୟ ନରେଶ ବାଲୋଡିଆ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହାଛଡ଼ା ରାଜଶ୍ରୀ ପ୍ରଡକ୍ସନର ସିଇଓ ଗୁପ୍ତା, ଶ୍ରୀ ଦିଲ୍ଲୀପ ଧନଓ୍ୱାନୀ, ଅଭିନେତ୍ରୀ ରେହା ଖାଁ ପଠାନ୍ ଓ ଅପର୍ଣ୍ଣା ଗିରି ଅତିଥି ଭାବରେ ଯୋଗ ଦେଇଥିଲେ । ବରଗଡ଼ର କଳାଜୀବି ଅନୁଷ୍ଠାନ ସମ୍ବଲପୁରୀ ନାଚ ଓ ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ପଶ୍ଚିମ ଓଡ଼ିଶା ପରିବାରର ସ୍ମରଣିକା 'ଜୁହାର' ଉନ୍ମୋଚିତ ହୋଇଥିଲା । ମୁମ୍ବାଇର ୩୫୦ ପ୍ରବାସୀ ପଶ୍ଚିମ ଓଡ଼ିଶା ପରିବାର ଏହି ସମାରୋହରେ ଅଂଶ ଗ୍ରହଣ କରିଥିଲେ । ପଶ୍ଚିମ ଓଡ଼ିଶା ପରିବାର ତରଫରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ମୁମ୍ବାଇ ସହରରେ ନିଜର କଳା ଓ ସଂସ୍କୃତିକୁ ବଜାୟ ରଖିବା ପାଇଁ ପଶ୍ଚିମ ଓଡ଼ିଶା ପରିବାର ୨୦୦୭ରୁ ପ୍ରତିବର୍ଷ ଏହି ଗଣପର୍ବ ନୂଆଖାଇ ପାଳନ କରି ଆସୁଛି । କାର୍ଯ୍ୟକ୍ରମକୁ ଶ୍ରୀକାନ୍ତ ଚଟ୍ଟର୍ଜୀ ଓ ଦୀପକ ପୂଜାରୀ ପରିଚାଳନା କରିଥିଲେ ଏବଂ କବିତା ସାହାଣୀ ସଂଯୋଜନା କରିଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଉଡାନ୍ ଓ କିଡିଜ୍ ଫାଉଣ୍ଡେସନ୍ ସ୍କୁଲର ଷଷ୍ଠ ପ୍ରତିଷ୍ଠା ଦିବସ











ସମ୍ବଲପୁର: ବହୁ ପ୍ରତିଭା ସଚେତନତା ଓ ଉପଯୁକ୍ତ ସୁଯୋଗ ଅଭାବରୁ ଲୋକଲୋଚନକୁ ଆସି ପାରୁନାହାନ୍ତି । ତେଣୁ ଏପରି ଲୁକ୍କାୟିତ ପ୍ରତିଭା ମାନଙ୍କୁ ବାହାର କରାଯାଇ ଆମର ଅଞ୍ଚଳର ସଂସ୍କୃତିର ପ୍ରସାର କରିବାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଆହ୍ୱାନ ଦେଇଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଉଡାନ ଓ କିଡିଜ୍ ଫାଉଣ୍ଡେସନ୍ ସ୍କୁଲ୍‌ର ଷଷ୍ଠ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଫେସର ମିଶ୍ର ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ସମ୍ବଲପୁରର ମହାନ ସଂସ୍କୃତି ଆଜି ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଉଚ୍ଚ ପ୍ରଶଂସିତ ହେଉଥିବା କହିଥିଲେ ।

ବେଙ୍ଗାଲୁରୁର ଆନ୍ତର୍ଜାତିକ ସ୍ତରରେ ସୁନାମ ଆଣିଥିବା ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ସୋନାଲିକା ପୁରୋହିତ ଓ ତାଙ୍କର କନ୍ୟା ବିଶ୍ୱର ସର୍ବକନିଷ୍ଠ ଓଡିଶୀ ନୃତ୍ୟଶିଳ୍ପୀ ଶ୍ରୀନିକା ପୁରୋହିତ ଏଥିରେ ଯୋଗଦେଇ ସମ୍ବଲପୁରର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ଅଧାପିକା ସୀମନ୍ତିକା ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ଓ ଅନ୍ୟତମ ପ୍ରତିଷ୍ଠାତା ରମେଶ ସାହା ଅନୁଷ୍ଠାନକୁ ସଫଳତା ଆଣିବା ଦିଗରେ ନୃତ୍ୟଗୁରୁ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କ ବିଶେଷ ଭୂମିକା ଥିବା କହିଥିଲେ ।

ଏହି ଅବସରରେ ଅବନ୍ତିକା ନାୟକ, ହଂସିତା ପ୍ରଧାନ, ମୃଣାଳିନୀ ନାଥ, ସମୃଦ୍ଧି ସାହୁ, ଅମୃତୋୟ ସାହୁ, ଅହନା ପୁରୋହିତ ଓ ପ୍ରିଶା ମିଶ୍ରଙ୍କୁ ପୁରସ୍କାର ଦିଆଯାଇ ଉଡାନ୍ ଆଚିଭର୍ସ ରୂପେ ଘୋଷଣା କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ନୃତ୍ୟଗୁରୁ ସାହିଲ କହଁର, ଦେବସ୍ମିତା ନାୟକ, ସୀମନ୍ତିକା ଦାସ, ଲକ୍ଷ୍ମଣ ରାଉତ, ବିକି ବେହେରା, ରେଣ୍ଡା ଶ୍ରୀକୁମାର, ପ୍ରୀତି ରାଇନା, ମାନସ ପାଢୀ, ମିଶୁ ଅଙ୍କିତା ମହାପାତ୍ର, ମାଷ୍ଟର ପ୍ରେମ୍, ଦେବେନ୍ଦ୍ର ସାହୁ, ପବିତ୍ର ବେରିହା, ଆକୃତି ଦାସ, ସାଂସ୍କୃତିକା ପୁରୋହିତ, ନିତ୍ୟାନନ୍ଦ ସେଠୀ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର କଳାକାର ମାନେ ଦୀର୍ଘ ପାଞ୍ଚ ଘଣ୍ଟା ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



## କେବିସିରେ ସମ୍ବଲପୁରର ମଧୁରିମା ପାଣିଗ୍ରାହୀ

ସମ୍ବଲପୁର: ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ 'କୌନ ବନେଗା କରୋଡ଼ପତି' ସୋ'ର ହଟ୍‌ସିଟ୍‌ରେ ସମ୍ବଲପୁର ବଡ଼ବଜାର ସ୍ଥିତ ଦୂତିକା ସାହୁ ସରକାରୀ ହାଇସ୍କୁଲରେ ଶିକ୍ଷୟିତ୍ରୀ ମଧୁରିମା ପାଣିଗ୍ରାହୀ ଅଂଶ ଗ୍ରହଣ କରି ୬ ଲକ୍ଷ ୪୦ ହଜାର ଟଙ୍କା ଜିତିଛନ୍ତି । ସେ ୧୧ଟି ପ୍ରଶ୍ନର ଠିକ୍



ଉତ୍ତର ଦେଇ ୧୨ ନମ୍ବର ପ୍ରଶ୍ନର ଉତ୍ତର ଦେଇଥିଲେ ସେ ସାଢ଼େ ୧୨ ଲକ୍ଷ ଟଙ୍କା ଜିତିଥାନ୍ତେ । କିନ୍ତୁ, ହାରିଯିବା ଆଶଙ୍କାରେ ସେ ପ୍ରତିଯୋଗିତାରୁ ଓହରି ଯାଇଥିଲେ । ପ୍ରତିଯୋଗିତାରୁ ଓହରିଯିବା ପରେ ଅନୁମାନ ଲଗାଇ ଉତ୍ତର ଦେବାକୁ କୁହାଯିବାରୁ ସେ ଯେଉଁ ଉତ୍ତର ଦେଇଥିଲେ, ତାହା ଠିକ୍ ଥିଲା । ହଟ୍‌ସିଟରେ ବସିଥିବା ମଧୁରିମା ମୁଖ୍ୟ ପ୍ରତିଯୋଗିତା ମଧରେ ଅନୁଷ୍ଠିତ 'ସୁପର ସନ୍ଦୁକ' କାର୍ଯ୍ୟକ୍ରମରେ ୧୦ଟି ପ୍ରଶ୍ନ ମଧରୁ ୪ଟି ପ୍ରଶ୍ନର ଠିକ୍ ଉତ୍ତର ଦେଇ ଗୋଟିଏ ପ୍ରଶ୍ନକୁ ୧୦ ହଜାର ହିସାବରେ ୪୦ ହଜାର ଟଙ୍କା ଜିତିଛନ୍ତି । ସର୍ବମୋଟ ସେ ୬ ଲକ୍ଷ ୮୦ ହଜାର ଟଙ୍କା ଜିତିଛନ୍ତି । ସେ ଏହି ପ୍ରତିଯୋଗିତାରେ ସର୍ବମୋଟ ୩ଟି ଲାଇଫ୍ ଲାଇନ୍ ନେଇଥିଲେ । 'ଫୋନ୍ ଏ-ଫ୍ରେଣ୍ଡ' ଲାଇଫ୍ ଲାଇନ୍‌ରେ ସେ' ତାଙ୍କ ସଂପର୍କୀୟ ଦିଅର 'ନିରି'ରେ ବରିଷ୍ଠ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଡକ୍ଟର ପାରସ ପୂଜାରୀଙ୍କୁ ଫୋନକରି ତାଙ୍କ ଠାରୁ ଠିକ୍ ଉତ୍ତର ପାଇଥିଲେ । ଏପିସୋଡ ଗୁରୁବାର ରାତି ୯ଟାରେ ସୋନି ଟିଭିରେ ପ୍ରସାରଣ କରାଯାଇଛି । ବୁଧବାର ଅମିତାଭ ବଚ୍ଚନଙ୍କ ଜନ୍ମଦିନ ଥିବାରୁ ମଧୁରିମା ତାଙ୍କୁ ଏକ କ୍ରୋଟନ ପ୍ଲାଣ୍ଟ ପ୍ରଦାନ କରିଥିଲେ । ଏହାପରେ ସେ ହରିବଂଶ ରାୟ ବଚ୍ଚନଙ୍କ 'ହାରନା ଜରୁରୀ ହୈ' ପଢ଼ି ଶୁଣାଇଥିଲେ । ବିବାହର ୧୫ ବର୍ଷ ପରେ ମଧ ସନ୍ତାନ ନହେବାରୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି । ମାଧୁରିମା ମା' ହେବାପାଇଁ ମାତୃତ୍ୱ ଜରୁରୀ ନୁହେଁ ବୋଲି କହି ଅମିତାଭ ବଚ୍ଚନଙ୍କ ପ୍ରଶଂସା ସାଉଁଟି ଥିଲେ ।

ଉଲ୍ଲେଖଯୋଗ୍ୟ ଯେ, କେବିସିର ହଟ୍‌ସିଟ୍‌କୁ ଯାଇଥିବା ମଧୁରିମା ହେଉଛନ୍ତି ସମ୍ବଲପୁରର ତୃତୀୟ ମହିଳା । ମଧୁରିମା ସମ୍ବଲପୁର ନନ୍ଦପଡ଼ା ନିବାସୀ ହେମନ୍ତ ପାଣିଗ୍ରାହୀଙ୍କ ଧର୍ମପତ୍ନୀ ତଥା ଇଞ୍ଜିନିୟର ବିରଜା ପାଣିଗ୍ରାହୀଙ୍କ ପୁତ୍ରବଧୂ ଅଟନ୍ତି । ତାଙ୍କ ପୂର୍ବରୁ ଆଉ ଦୁଇ ଜଣ ମହିଳା ଏହି ସିଟ୍‌ରେ ବସିବାର ସୌଭାଗ୍ୟ ପାଇଥିଲେ ।

## ନାରୀଜାଗରଣ କେନ୍ଦ୍ର ପକ୍ଷରୁ ଜୟପ୍ରକାଶ ଜୟନ୍ତୀ

ସମ୍ବଲପୁର : ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ପୂର୍ବତନ ରାଜ୍ୟସଭା ସଦସ୍ୟ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଯୋଗ ଦେଇ ଦେଶର ବର୍ତ୍ତମାନ ପରିସ୍ଥିତି ଉପରେ ଆଲୋକପାତ କରି ଏଥିପାଇଁ କ୍ରାନ୍ତି ଆବଶ୍ୟକ ବୋଲି କହିଥିଲେ । ଏହାଛଡ଼ା ଆଡ଼ଭୋକେଟ୍ ଆର୍ତ୍ତତ୍ରାଣ ମିଶ୍ର, ଅଶୋକ କୁମାର ସେନାପତି, ଡାକ୍ତର ଗିରିଶଚନ୍ଦ୍ର



ଦାଶ, ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର, ଶ୍ରମିକ ନେତା ଗୋକୁଳ ମେହେର ପ୍ରମୁଖ ଯୋଗ ଦେଇ ଜୟପ୍ରକାଶଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ବାବଦରେ ଉଦ୍‌ବୋଧନ ଦେଇଥିଲେ । ଶେଷରେ ନାରୀ ନେତ୍ରୀ ଉଷା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ପୂର୍ବରୁ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନେ ଏକ ଶୋଭାଯାତ୍ରାରେ ନେଲସନ ମାଣ୍ଡେଲା ଛକକୁ ଯାଇ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ ।

## ଲୁଗପଙ୍ଗା କ୍ଲଷ୍ଟର୍‌ର ସୁରଭି ଓ ଓଡ଼ିଶା ମିଲେଟ୍ କାର୍ଯ୍ୟକ୍ରମ

ବୌଦ୍ଧ : କଣ୍ଟାମାଳ ବ୍ଲକର ଲୁଗପଙ୍ଗା କ୍ଲଷ୍ଟରର ମାଝି ପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରଭି ଓ ଓଡ଼ିଶା ମିଲେଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।



ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କମ୍ବୁପାଣି ଦାନୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ବରଗୁଚ୍ଛା ଆଶ୍ରମ ସ୍କୁଲର ପ୍ରଧାନ ସେବକ ବିରଞ୍ଚି ପ୍ରସାଦ ମହାରଣା ଓ ସିଆରସିସି ନରୋତ୍ତମ ତାଣ୍ଡିଆ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧରେ ୧୬ଟି ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ, ସତ୍ୟନାରାୟଣ ପରଡିଆ, ଗିରିଜା ଶଙ୍କର ବେହେରା ଏବଂ ସତ୍ୟବାନ କର୍ମୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ ।

## ରତ୍ନାକର ପ୍ରଧାନଙ୍କ ପରଲୋକ



ଝାରସୁଗୁଡ଼ା : ଲଇକେରା ବ୍ଲକ ଅଇତାପାଲି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦିବ୍ୟଦର୍ଶନ ସଂଘ ପଶ୍ଚିମ ଓଡ଼ିଶାର ପ୍ରତିଷ୍ଠାତା ରତ୍ନାକର ପ୍ରଧାନଙ୍କ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ଦିବ୍ୟଦର୍ଶନ ସଂଘର ସମ୍ବଲପୁର ଶାଖା ପକ୍ଷରୁ ଆୟୋଜିତ ଏକ ଶୋକ ସଭାରେ ଗୋପୀନାଥ ଷଡ଼ଙ୍ଗୀ, ସୁଶାନ୍ତ କୁମାର ପଣ୍ଡା, ଶଙ୍କର୍ଷଣ ଆଚାର୍ଯ୍ୟ, ଜନ୍ମେଜୟ ବାବୁ, ଦମୟନ୍ତି ଆଚାର୍ଯ୍ୟ, ରେଣୁ ସାହୁ, ସବିତା ମିଶ୍ର, କନକ ଟଣ୍ଡକାର, ଏକାନ୍ତି ସେଠ୍ ଓ ସବିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

## ମିଶନ ଶକ୍ତି ସ୍କୁଟର ଯୋଜନାର ଆରମ୍ଭ

ସମ୍ବଲପୁର : ରାଜ୍ୟ ସରକାରଙ୍କ ଦ୍ୱାରା ମିଶନ ଶକ୍ତି ସ୍କୁଟର ଯୋଜନା ଏଠାରେ ଆରମ୍ଭ ହୋଇଛି । ଜିଲ୍ଲାପାଳ ଅନନ୍ୟା ଦାସ ନୀଳ ପତକା ଦେଖାଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଜିଲ୍ଲାରେ ଏହି ଯୋଜନାରେ ୧୫ ହଜାର ମହିଳା ସ୍କୁଟର ଦିଆଯାଇଛି । ସମ୍ବଲପୁର ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ୩.୬୨ କୋଟି ଟଙ୍କା ଋଣ ଛାଡ କରାଯାଇଛି । ଏହି ଅବସରରେ ସମ୍ବଲପୁର ଜିଲ୍ଲାର ୨୭୪ ଜଣଙ୍କୁ ପ୍ରଦାନ କରାଯାଇଛି । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସ ମାଧମରେ ଜିଲ୍ଲାପାଳ ଶ୍ରୀମତୀ ଦାସ, ଜିଲ୍ଲାପରିଷଦ ସଭାପତି କୁମୁଦିନୀ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ସଦର ଉପ ଜିଲ୍ଲାପାଳ ପ୍ରଭାସ ଦଣ୍ଡସେନା, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଡିପିସି ମିଶନ ଶକ୍ତି ଭାରତୀ ବେସ୍ରା ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ମିଶନ ଶକ୍ତି ମହିଳା, ବ୍ୟାଙ୍କର୍ସ ପ୍ରମୁଖ ଉପସ୍ଥିତ ଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra